# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୩ ଗୁରୁତର




ନୀଳଗିରି,୧୪।୬(ସମିସ)

ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ତିନି ଜଣ ଗୁରୁତର ଅବସ୍ଥାରେ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ ୧୯ନଂ ରାଜ୍ୟ ରାଜପଥ ସେରଗଡ଼ ନୀଳଗିରି ଝରଣଘାଟି ଉଦଳା ରାସ୍ତାର ଘାଟଘରସାହି ଆର୍‌କେସିଟି ଇଞ୍ଜିନିୟରିଂ କଲେଜ ନିକଟରେ ଏହି ଦୁର୍ଘଟଣା ଘଟିଥିବା ବେଳେ ସନ୍ତରାଗଡ଼ିଆ ଗୋପ ଗ୍ରାମର କେଶବ ଚନ୍ଦ୍ର ମହାନ୍ତି ନିଜର ବାଇକ୍‌ରେ ନାତି ଓ ବୋହୂଙ୍କୁ ନେଇ ନିଜର ଶଶୁର ଘର ଜାମୁଡିଆକୁ ଯାଉଥିଲେ। ସଜନାଗଡ଼ ପଟୁ ଆସୁଥିବା ସନ୍ତରାଗଡ଼ିଆ ଗ୍ରାମର ପ୍ରତାପ ସିଂ ଓ ତାଙ୍କର ଦୁଇ ସାଙ୍ଗ ବାଇକ୍‌ରେ ଆସି ମୁହାଁମୁହିଁ ଧକ୍କା ଦେବା ଫଳରେ ବାଇକ୍ ଦୁଇଟି ଭାଙ୍ଗି ଯାଇଥିବା ବେଳେ କେଶବ ଚନ୍ଦ୍ର ମହାନ୍ତିଙ୍କର ଗୋଡ଼ ଭାଙ୍ଗି ଯାଇଛି। ସେହିପରି କେଶବର ନାତି ଜନ୍ମଜେୟ ପ୍ରଧାନ ମଧ୍ୟ ଗୁରୁତର ହୋଇଛନ୍ତି। ପ୍ରତାପ ସିଂଙ୍କ ମଧ୍ୟ ଗୋଡ଼ ଭାଙ୍ଗି ଯାଇଛି। ସ୍ଥାନୀୟ ଲୋକେ ସମସ୍ତଙ୍କୁ ନୀଳଗିରି ମେଡିକାଲ ଆଣିଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ତିନି ଜଣଙ୍କୁ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଏପଟେ ନିଳଗିରି ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

# ହେଲ୍‌ଦି ଲାଇଫ୍‌ର ବ୍ୟକ୍ତିତ୍ୱ ବିକାଶ ଶିବିର

ବାଲେଶ୍ୱର,୧୪।୬(ସମିସ): ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ ଅଫ୍ ନେଚର୍ କିଅର ଏଣ୍ଡ ଯୋଗିକ ସାଇନ୍ସ ପରିସରରେ ବ୍ୟକ୍ତିତ୍ୱ ବିକାଶ ଶିବିର ଆୟୋଜିତ ହୋଇଛି। ଏଥିରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜୁଲୋଜି, ବୋଟନି, ଫିଲୋସୋଫି, ପଲିଟିକାଲ ସାଇନ୍ସ ର ୫୦ ଜଣ ୟୁଜି ଛାତ୍ରଛାତ୍ରୀ ଚାଲିଥିବା ଯୋଗ, ପ୍ରାକୃତିକ ଚିକିତ୍ସା, ଖାଦ୍ୟ ଚିକିତ୍ସା, ବ୍ୟକ୍ତିତ୍ୱ ବିକାଶ, ସାମାଜିକ ବିକାଶ ସହିତ ମାନସିକ ସନ୍ତୁଳନ ପ୍ରାକ୍ଟିକାଲ ଇଣ୍ଟର୍ଣ୍ଣସିପ୍ ଟ୍ରେନିଂ ଓଡିଶା ଶିକ୍ଷା ବିଭାଗ ନିଉ ଏଜୁକେସନ ପଲିସିରେ ଏକ ମାସ ଗ୍ରୀଷ୍ମ ଛୁଟିରେ ୧୦୦ ମାର୍କର ଶିକ୍ଷା ସହିତ




ପରୀକ୍ଷା କରାଯାଇ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଚିତ୍ତରଞ୍ଜନ ସାହୁ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଝାଡ଼େଶ୍ୱର ଇଣ୍ଟରନ୍ୟାସନାଲ ସ୍କୁଲ ପ୍ରିନ୍ସିପାଲ ପ୍ରିୟମ୍ବଦା ପଣ୍ଡା ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଉପସ୍ଥିତ ଥିଲେ। ଅଧ୍ୟାପିକା ଅନିତା ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପକ ଡଃ. ଅଭିଷେକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଦଶ ଦିବସୀୟ ବିପଶ୍ୟନା ଶିବିର



ନୀଳଗିରି/ପଞ୍ଚଲିଙ୍ଗେଶ୍ୱର,୧୪।୬ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍‌ର କାଣ୍ଡଗରଡ଼ି ପଞ୍ଚାୟତ ଅଧୀନ ବାବା ବିଶେଶ୍ୱର ଶୈବ ପୀଠ ସଂଲଗ୍ନ ବିପଶ୍ୟନା କେନ୍ଦ୍ର ସଭାଗୃହରେ ୧୦ ଦିନିଆଁ ୨ ଜୁନ୍‌ରୁ ଆରମ୍ଭ ହୋଇ ଜୁନ୍ ୧୩ ମଧ୍ୟରେ ବିପଶ୍ୟନା ଶିବିର ଆୟୋଜିତ ହୋଇ ଯାଇଛି। ଏହି ଶିବିରରେ ପାଖାପାଖି ୩୦ ଜଣରୁ ଉର୍ଦ୍ଧ୍ୱ ଶିବିରାର୍ଥି ଭାଗ ନେଇଥିଲେ। ଏକ ଶାନ୍ତ ବାତାବରଣ ମଧ୍ୟରେ ଶିବିରର ଗମ୍ଭୀରତା ବିପଶ୍ୟନା ସାଧକଙ୍କ ସାଧନାକୁ ଆହୁରି ଅଧିକ ପୁଷ୍ଟ କରିବାରେ ସହାୟତା ହୋଇଥିଲା। ଧ୍ୟାନର ଅବିଚ୍ଛିନ୍ନ ପ୍ରଶାନ୍ତିକୁ ସମସ୍ତେ ଉପଲବ୍‌ଧି କରୁଥିଲେ। ମନରେ ନିରବତା, ସୁଖ ଶାନ୍ତି, ଆନନ୍ଦର ଅନୁଭବକୁ ନେଇ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଆଜିର କର୍ମ ଏବଂ ବ୍ୟସ୍ତ ବହୁଳ ଜୀବନରେ ମୋବାଇଲ ଏବଂ ଘରଠାରୁ ସଂଯୋଗ ଛିନ୍ନ କରି ଶିବିରାର୍ଥୀମାନେ ନିର୍ଦ୍ଦିଷ୍ଟ ମୁଦ୍ରାରେ ଅଧିଷ୍ଠାନ କରି ପ୍ରତ୍ୟହ ୧୦ରୁ ୧୧ଘଣ୍ଟା ଧ୍ୟାନ କରୁଥିଲେ। ବିପାସନା ସାଧନାର ମାର୍ଗଦର୍ଶନରେ ରୋଗ ଶୋକରୁ ମୁକ୍ତି ମୁଖ୍ୟତଃ ଏହି ଶିବିରରେ ମୁଖ୍ୟ ଉଦ୍ଦେଶ୍ୟ ଥିବା ବେଳେ ଆସିଥିବା ସମସ୍ତ ଶିବିରାର୍ଥୀ ଏହି ଶିବିରର ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରିଥିବା ସୂଚନା ମିଳିଛି। ସୂଚନାରୁ ପ୍ରକାଶ ଏହି ବିପଶ୍ୟନା କେନ୍ଦ୍ରଟି ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ୧ମାତ୍ର ଧ୍ୟାନ କେନ୍ଦ୍ର ହୋଇଥିବାବେଳେ ଓଡ଼ିଶାର ଭୁବନେଶ୍ୱରରେ ପ୍ରଥମ ବିପଶ୍ୟନା କେନ୍ଦ୍ର ସ୍ଥାପନା ହୋଇଥିବା ସ୍ଥଳେ ରାଜ୍ୟ ପାଇଁ ଏହି ବିପଶ୍ୟନା କେନ୍ଦ୍ରଟି ଧୀରେ ଧୀରେ ସମଗ୍ର ଓଡ଼ିଶାରେ ନିଜର ପରିଚୟ ସୃଷ୍ଟି କରିବା ସହିତ ଅନେକ ପଥଭ୍ରଷ୍ଟ ଲୋକଙ୍କ ପାଇଁ ପଥପ୍ରଦର୍ଶକର କେନ୍ଦ୍ର ସହିତ ରୋଗ ଶୋକରୁ ମୁକ୍ତିସ୍ଥଳ ପାଲଟିବ ବୋଲି ଶିବିରାର୍ଥୀମାନେ ମତ ପ୍ରକାଶ କରିଥିଲେ। ଏହି ଧ୍ୟାନ ଶିବିରଟି ମୁଖ୍ୟ ପରିଚାଳକ ସଂଗ୍ରାମ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ସହାୟିକା ଆଚାର୍ଯ୍ୟା ସବିତା ଦାସ ମାର୍ଗ ଦର୍ଶନ କରିଥିଲେ। ଏଥି ସହିତ ଖଗେଶ୍ୱର ପାତ୍ର, ଅଶୋକ କୁମାର ରାଉଳ, ସୁଧାକର ମଲ୍ଲିକ, ରମାକାନ୍ତ ବିଶ୍ୱାଳ, ସୁମନ୍ତ ଶେଖର ସ୍ୱାଇଁ, ଗୀତାଞ୍ଜଳି ସ୍ୱାଇଁ, ରମେଶ ମୁଦୁଲି ଏବଂ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ରଜରେ ନିଆଁପାଟ ପର୍ବ



ନୀଳଗିରି,୧୪।୬,(ସମିସ): ନୀଳଗିରିରୁ ସଜନାଗଡ଼ଠାରେ ଦେବୀ ମା’ ଭୂଧାରଚଣ୍ଡୀଙ୍କ ପୀଠ ସମ୍ମୁଖରେ ରଜ ଉପଲକ୍ଷେ ରବିବାର ନିଆଁପାଟ ପର୍ବ ଅନୁଷ୍ଠିତ ହୋଇଛି। ଶହ ଶହ ଭକ୍ତଙ୍କର ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ସୂଚନା ଥାଉକି ରାଜାରାଜୁଡ଼ା ଅମଳର ସଜନାଗଡ଼ରେ ଥିବା ପ୍ରତିଷ୍ଠିତ ମା’ ଭୂଧାରଚଣ୍ଡୀଙ୍କ ପୀଠରେ ଏହି ନିଆଁ ପାଟ ଓ ଉଡ଼ାପର୍ବ ହୋଇ ଆସୁଛି। ନୀଳଗିରି ରାଜବଂଶ ଏବଂ ନୀଳଗିରିର ଇଷ୍ଟ ଦେବୀ ମା’ଙ୍କ ସ୍ଥାପନା ନେଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ। କୁହାଯାଏ ୧୪୫୨ ଖ୍ରୀଷ୍ଟାବ୍ଦରେ ରାଜା ନାରାୟଣ ବସନ୍ତ ବିରାଟ ଭୂଜଙ୍ଗ ମାନ୍ଧାତା ମା’ଙ୍କୁ ସ୍ଥାପନା କରିଥିଲେ। ୧୫୦୦ ଖ୍ରୀଷ୍ଟାବ୍ଦ ଶେଷାର୍ଦ୍ଧରେ କଳାପାହାଡ଼ ଆକ୍ରମଣ କରି ମା’ଙ୍କ ମନ୍ଦିର ଭାଙ୍ଗି ଦେଇଥିଲେ। ଏହି ସମୟରେ ମା’ଙ୍କୁ ଏକ ନିମ୍ବଗଛ ମୂଳେ ଲୁଚାଇ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ସ୍ୱପ୍ନାଦେଶ ପାଇ ମନ୍ଦିର ତୋଳିଥିଲା ବେଳେ ସେବେଠାରୁ ରଜରେ ମହାଆଡମ୍ବର ସହକାରେ ନିଆଁପାଟ ଓ ଉଡ଼ାପର୍ବ ପାଳିତ ହୋଇଆସୁଛି। ଚଳିତବର୍ଷ ଗତ ୯ ତାରିଖରୁ ଅର୍ଦ୍ଧନାଗେଶ୍ୱର ମୂର୍ତ୍ତିକୁ ପୂଜା କରାଯାଇ ତାର ପରଦିନଠାରୁ ଗଡ଼ବାସୁଳି ଦାସୀ, ପାଟଭକ୍ତା, ଦେଶଭକ୍ତା, ମା’ ଭୂଧାରଚଣ୍ଡୀଙ୍କ ଦାସୀ ଗଡ଼ବାସୁଳିଙ୍କ ଖଡ଼୍‌ଗ ଧରି ସଜନାଗଡ଼ ମନ୍ଦିରର ପାର୍ଶ୍ୱବର୍ତ୍ତୀ ଗ୍ରାମକୁ ଯାଇ ନିଆଁପାଟ ଓ ଉଡ଼ାପର୍ବ ପାଇଁ ଲୋକଙ୍କୁ ନିମନ୍ତ୍ରଣ କରିଥିଲେ। ଗତ ମଙ୍ଗଳବାର ମଧ୍ୟରାତ୍ରିରେ ଭକ୍ତମାନେ ସଜନାଗଡ଼ ଚଣ୍ଡୀ ପୋଖରୀକୁ ଯାଇ ଅର୍ଦ୍ଧନାଗେଶ୍ୱର ମୂର୍ତ୍ତିଠାରେ ପୂଜାର୍ଚ୍ଚନା କରିବା ସହ ପୋଖରୀରୁ ନିଶାଘଟ ଉତ୍ତୋଳନ ପୂଜା ବିଧି ସରିବା ପରେ ମା’ଙ୍କ ମନ୍ଦିରକୁ ଆସି ଘଟ ସ୍ଥାପନ କରିଥିଲେ। ରାତ୍ରୀ ଏକ ଘଟିକା ସମୟରେ ଯାତ୍ରା ଘଟ ଧରି ଦୁଇ ଦାସୀ ଓ ଭକ୍ତାମାନେ ଗାଁ ପରିକ୍ରମା କରି ମନ୍ଦିରରେ ଭୋର ୪ ଘଟିକା ସମୟରେ ପୂଜା ବିଧି ସମାପନ କରିଥିଲେ। ରବିବାର ପୂର୍ବାହ୍ନରେ ମା’ ଭଧାରଚଣ୍ଡୀଙ୍କ ପୀଠରେ ନୀତିକାନ୍ତି ସରିବା ପରେ ଦିନ ୧୨ଟାରେ ଭକ୍ତାମାନେ ଚଣ୍ଡୀ ପୋଖରୀରେ ଗାଧୋଇ ମା’ଙ୍କ ଦର୍ଶନ ସାରିବା ପରେ ଆରମ୍ଭ ହୋଇଥିଲା ନିଆଁପାଟ। ମା’ ଭୂଧାରଚଣ୍ଡୀଙ୍କ ସାମ୍ନା ପଡ଼ିଆରେ ଦେଢ଼ଫୁଟ ଓସାର ୯ଫୁଟ୍ ଲମ୍ବର ଏକ ଗର୍ତ୍ତ ଖୋଳାଯାଇ କାଠ କୋଇଲାରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହି ଅଗ୍ନି ପାଟରେ ୧୦୦ରୁ ଉର୍ଦ୍ଧ୍ୱ ଭକ୍ତା ମା’ଙ୍କ ନାମ ସ୍ମରଣ କରି ଅଗ୍ନି ଉପରେ ଚାଲିଥିଲେ। ଏଥିରେ ସହଯୋଗ କରିଥିଲେ ମନ୍ଦିର ମୁଖ୍ୟ ପୂଜାରୀ ବିଜୟ ପଣ୍ଡା, ମା’ଙ୍କ ସର୍ଦ୍ଦାର ଚକ୍ରଧର ଦାସବାବୁ ଓ ଭକ୍ତାମାନେ। ଏହି ନିଆଁପାଟ ଉଡ଼ା ପର୍ବ ଦେଖିବା ପାଇଁ ନୀଳଗିରିର ଆଖ ପାଖ ଅଞ୍ଚଳରୁ ଶହ ଶହ ଲୋକ ଏକାଠି ହେଇଥିଲେ।

# ପୋଖରୀରେ ବୁଡ଼ି ୪ ବର୍ଷର ଶିଶୁକନ୍ୟା ମୃତ

ନୀଳଗିରି,୧୪।୬(ସମିସ): ନୀଳଗିରି ଅଞ୍ଚଳରେ ଜଣେ ୪ବର୍ଷର ଶିଶୁ କନ୍ୟା ଗଡିଆରେ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି। ନୀଳଗିରି ଥାନା ପଣ୍ଡା ଅଫିସ୍ ଅଞ୍ଚଳରେ ଘଟିଛି ଏକ ଅଭାବନୀୟ ଘଟଣା। ମୃତକ ଶିଶୁ କନ୍ୟା ହେଲେ ନୀଳଗିରି ଏନଏସି ୧୧ ନଂ ୱାର୍ଡର ଟୁନା ସିଂଙ୍କ ବଡ ଝିଅ ମେଘନା ସିଂ (୪) ପାଖ ଗଡ଼ିଆରେ ସକାଳ ୯ଟା ରେ ରଜ ପର୍ବ ଉପଲକ୍ଷେ ରଜ ଦୋଳିରେ ଝୁଲିବା ପାଇଁ ପ୍ରଥମେ ଗଡ଼ିଆକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଗାଧୋଇବା ସମୟରେ ଅସାବଧାନତା ଯୋଗୁଁ ଗଡିଆଭିତରକୁ ଚାଲିଯାଇ ବୁଡ଼ିଯାଇଥିଲେ। ପରିବାର ଲୋକେ ପାଣି ଭିତରୁ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ତେବେ ଡାକ୍ତର ଶିଶୁ କନ୍ୟାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଖବର ଶୁଣି ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ଖବର ପାଇ ନୀଳଗିରି ପୁଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ନଂ ୩୩/୨୬ ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ।

# ମହୁମୁହାଣ ତାରିଣୀ ମନ୍ଦିରରୁ ଚୋରି

ସୋର,୧୪।୬(ସମିସ): ସୋର ଥାନା ମହୁମୁହାଣ ଗ୍ରାମରେ ଥିବା ମା’ ତାରିଣୀ ମନ୍ଦିରରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଏହି ଗ୍ରାମରେ ଥିବା ମା’ ତାରିଣୀଙ୍କ ମନ୍ଦିର ଚାବି ଭାଙ୍ଗି ଭିତରେ ପଶି ଦୁର୍ବୃତ୍ତମାନେ ମାଆଙ୍କ ସୁନା ଚେନ, ରୁପା ମୁକୁଟ, ସୁନା ଚିତା ସମେତ ବିଭିନ୍ନ ଅଳଙ୍କାର, କଂସା ପିତ୍ତଳ ବାସନ ଓ ହୁଣ୍ଡି ବାକ୍ସ ଭାଙ୍ଗି ନଗଦ ଲକ୍ଷାଧିକ ଟଙ୍କା ଚୋରି କରି ନେଇଛନ୍ତି। ସକାଳେ ଗ୍ରାମବାସୀ ଏ ବାବଦରେ ଜାଣିବା ପରେ ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଥିଲେ। ଏ ବାବଦରେ ଗ୍ରାମବାସୀଙ୍କ ତରଫରୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି।

# ଛଣପୁରରେ ପିଠା ଓ ରଜ ପାନ ପ୍ରଦର୍ଶନୀ



ବାଲେଶ୍ୱର,୧୪।୬(ସମିସ): ଛଣପୁରଠାରେ ରାଜେନ୍ଦ୍ର ରାଉତ ସେବା ଫାଉଣ୍ଡେସନ ତରଫରୁ ରଜ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କିସମର ପିଠା, ରଜ ପାନ ପ୍ରଦର୍ଶନୀ ହୋଇଥିଲା। ଧୀରେ ଧୀରେ ହଜି ଯାଉଥିବା ପାରମ୍ପରିକ ଖେଳ ପୁଚି, ଡିଆଁ ଦୌଡ଼ି, ଲୁଡୁ, ପଶା, ରଜ ଦୋଳି ଗୀତ ଗାଇବା ଆଦି ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଖ ଆଖର ବହୁ ମହିଳା ଯୁବତୀ ଭାଗ ନେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ରେମୁଣା ବ୍ଲକ୍ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ଉପସ୍ଥିତ ହୋଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରଞ୍ଜନ ବୁଗୁଡ଼େଇ, ବରିଷ୍ଠ ସାମ୍ବାଦିକ ବିନାୟକ ମହାପାତ୍ର, ସୁମନା ପରିଡ଼ା, ସତ୍ୟଜିତ ସେନାପତି, ରାଜେନ୍ଦ୍ର ରାଉତ ସେବା ଫାଉଣ୍ଡେସନ ମୁଖ୍ୟ ଇଂ ବିରୋଜ କୁମାର ରାଉତ, ମାନବଧିକାର କର୍ମୀ ସୁଧାକର ସେଠୀ, ଲିଙ୍ଗରାଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରଂଜିତା ସାମଲ, ଦେବସ୍ମିତା ରାଉତ, ଆଲିଶା ବେହୁରିଆ, ନମ୍ରତା ରାଉତ, ଅକ୍ଷରା ରାଉତ, ତାଇଶା ରାଉତ, ଶ୍ରଦ୍ଧା ରାଉତ, ଶୁଭସ୍ମିତା ଦାଶ, ରଞ୍ଜିତା ସିଂହ, ସସ୍ମିତା ବିନ୍ଧାଣି, ବିଜୟ କୁମାର ସାମଲ, ସତ୍ୟବତୀ ରାଉତ, ସୁକାନ୍ତି ରାଉତ, ମନୋଜ କୁମାର ରାଉତ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

**● ଗୋ-ମାଫିଆଙ୍କ ଘରେ ଚଢ଼ଉ ବେଳେ ପୁଲିସକୁ ଧମକ**

# ୩ ଜଣଙ୍କ ନାମରେ ମାମଲା ରୁଜୁ

ରାଇରଙ୍ଗପୁର ୧୪।୬(ସମିସ): ଗୋ-ମାଫିଆଙ୍କ ଘରେ ପୁଲିସ୍ ପକ୍ଷରୁ ବଡ଼ଧରଣ ଚଢ଼ଉ ହୋଇଛି। ଗୋ କାରବାରରେ ଲିପ୍ତ ମାଫିଆଙ୍କ ବିରୋଧରେ ଚଢ଼ଉ ପ୍ରକ୍ରିୟା ବେଳେ ପୁଲିସକୁ ଅସଭ୍ୟ ଭାଷାରେ ଗାଳିଗୁଲଜ ଓ ଜୀବନରୁ ମାରିଦେବାକୁ ଧମକ ଚମକ ଦିଆଯାଇଥିଲା। ଯାହାକୁ ନେଇ ପୁଲିସ ପକ୍ଷରୁ ୩ ଜଣଙ୍କ ନାମରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ ହୋଇଛି। ସେମାନେ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କୁସୁମୀ ଗ୍ରାମର ସୈଫା ବିବି (୩୦), କେନ୍ଦ୍ରେଇ ଗ୍ରାମର ସେକ ଅବରୁଲ ହକ୍ (୩୯) ଓ ଅଜମେରି ଖାତୁନ



(୩୫)। ଗୋ ତସ୍କରି ନେଇ ବାଦାମପାହାଡ଼ ଥାନାରେ କେଶ ନମ୍ବର ୭୬/୨୦୨୬ ମାମଲାରେ ଜଡିତ ଥିବା ନେଇ ପୁଲିସ ପକ୍ଷରୁ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଓ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରେଇ ଗ୍ରାମର ଇଜହୁଲ ହକ ଓରଫ ଟକରା (୨୮) ଓ ସେକ ଇକରାମୁଲ ହକ ଓରଫ ନୁରାନୀ (୨୪)ଙ୍କ ବାସଭବନରେ ଶନିବାର ସକାଳୁ ଅତର୍କିତ ଚଢ଼ଉ କରିଥିଲେ। ବେଆଇନ ଗୋରୁ ବ୍ୟବସାୟୀଙ୍କ ବାସଭବନରେ ସମନ୍ୱିତ ଚଢ଼ଉ ହେବା ଖବର ପାଇ ମାଫିଆମାନେ ଫେରାର ହୋଇଯାଇଥିଲେ। ସେମାନଙ୍କ ଘରେ ଚଢ଼ଉ କରି ଗୋ ତସ୍କରୀରେ ବ୍ୟବହୃତ ଏକ ମହିନ୍ଦ୍ରା ଥାର ଗାଡି, ଏକ ମାରୁତି ଆର୍ଟିଗା କାର ଓ ଏକ ଆଲଟୋ କାର ଜବତ କରାଯାଇଥିଲା। ଏହାସହିତ ବିପୁଳ ମାତ୍ରାରେ ନଗଦ ଟଙ୍କା, ୪୨୨ ଗ୍ରାମ ରୁପା ଅଳଙ୍କାର ଓ ୨୬ ଗ୍ରାମ ସୁନା ଅଳଙ୍କାର ଜବତ ହୋଇଥିଲା। ତେବେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ ବେଳେ ଗୋ-ମାଫିଆଙ୍କ ପରିବାର ଲୋକ ଓ ସମ୍ପର୍କୀୟ ଉତ୍ତେଜନା ପରିସ୍ଥିତି ସୃଷ୍ଟି କରିଥିଲେ। ଗାଡ଼ି, ଅଳଙ୍କାର ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଗୋ ତସ୍କରୀ ଲିଙ୍କ୍ ତଥ୍ୟ ଆଦି ନେବାକୁ ଦେଇ ନ ଥିଲେ। ପୁଲିସର କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ପୁଲିସ କର୍ମଚାରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ରାଇରଙ୍ଗପୁର ଏସଡିପିଓ ବୀରେନ୍ଦ୍ର ସେନାପତିଙ୍କ ନେତୃତ୍ୱରେ ଚଢ଼ଉ ସମୟରେ ମହିଳାମାନେ ରାସ୍ତା ଅବରୋଧ କରି ଉତ୍ତେଜନା ପରିସ୍ଥିତି ସୃଷ୍ଟି କରିଥିଲେ। ଯାହାକୁ ନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଏହି ମାମଲାରେ ଫେରାର ଦୁଇଜଣ ଗୋ ମାଫିଆଙ୍କୁ ଧରିବାକୁ ପୁଲିସ ପକ୍ଷରୁ ଯାଞ୍ଚ ଜାରି ରହିଛି।

# ଭାଂରେଶ୍ୱର ଗ୍ରାମରେ ରଜ ଉତ୍ସବ



ଲଙ୍କେଶ୍ୱର,୧୪।୬(ସମିସ): ବାଲିଆପାଳ ବ୍ଲକ୍ ବଣିଆଡିହା ପଞ୍ଚାୟତର ଭାଁରେଶ୍ୱର୍ ଗ୍ରାମରେ ରଜପର୍ବ ଅନୁଷ୍ଠିତ ହୋଇଛି। ଗ୍ରାମର ଯୁବକ ଯୁବତୀମାନେ ପୁଚି, ବାଗୁଡ଼ି, ଦୋଳି ଆଦି ବିଭିନ୍ନ ଖେଳ ଆୟୋଜିତ ହୋଇଛି। ଭଳିକି ଭଳି ପିଠାରେ ସାଙ୍ଗକୁ ଦୋଳି ଖେଳରେ ଉତ୍ସବ ପାଳିଥିଲେ ଗ୍ରାମର ଯୁବକ ଯୁବତୀ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ବିଜନ କୁମାର ନାୟକ, ସ୍ଥାନୀୟ ସରପଞ୍ଚ କାଳୀ ଚରଣ ଜେନା, ପ୍ରଦୀପ କୁମାର ଜେନା, ୱାର୍ଡ ମେମ୍ବର ପ୍ରଶାନ୍ତ ଜେନା ପ୍ରମୁଖ ଯୋଗଦେଇ ରଜ ସମସ୍ତଙ୍କ ମନରେ ଆନନ୍ଦ ଉଲ୍ଲାସ ଆଣିଦିଏ ଏବଂ ସମସ୍ତଙ୍କୁ ଏକ କରି ଭାଇଚାରା ସୃଷ୍ଟି କରେ ବୋଲି କହିଥିଲେ।

# ବିଶ୍ୱ ରକ୍ତଦାତା ଦିବସ ପାଳିତ

ବାଲେଶ୍ୱର,୧୪।୬(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ଜିଲ୍ଲା ରକ୍ତଦାନ କେନ୍ଦ୍ରରୁ ଏକ ସଚେତନତା ରଥକୁ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ଗିରିଜା ଶଙ୍କର ଦାସ ଏବଂ ରକ୍ତଦାନ କେନ୍ଦ୍ରର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ସମଗ୍ର ସହର ପରିକ୍ରମା କରି ଏହି ବିଷୟ ବସ୍ତୁ “ମାନବିକତାର ଗୋଟିଏ ବୁନ୍ଦା, ରକ୍ତଦାନ କରନ୍ତୁ, ଜୀବନ ବଞ୍ଚାନ୍ତୁ’ ଉପରେ ସଚେତନତା ସୃଷ୍ଟି କରିବ। ଜିଲ୍ଲା ତାଲିମ କେନ୍ଦ୍ର ସମ୍ମିଳନୀ କକ୍ଷରେ ସଚେତନତା ସଭା ଆୟୋଜିତ ହୋଇଥିଲା। ଚଳିତ ବର୍ଷର ବିଶ୍ୱ ରକ୍ତଦାତା ଦିବସର ବିଷବସ୍ତୁ - ‘ମାନବିକତାର ଗୋଟିଏ ବୁନ୍ଦା, ରକ୍ତଦାନ କରନ୍ତୁ, ଜୀବନ ବଞ୍ଚାନ୍ତୁ’। ଉକ୍ତ ସଭା ଡାକ୍ତର ଗିରିଜା ଶଙ୍କର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ରକ୍ତଦାତା ସଂଘର ଉଚ୍ଚ ପଦାଧିକାରୀ, ସଦସ୍ୟବୃନ୍ଦ, ରକ୍ତଦାନ କେନ୍ଦ୍ରର ପଦାଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶୋଭନା ମହାନ୍ତି ତାଙ୍କର ଅଭିଭାଷଣ ରଖିଥିଲେ। ରକ୍ତଦାତା ସଂଘର ସଭାପତି ପ୍ରମୋଦ ଚକ୍ରବର୍ତ୍ତୀ ଅଭିଭାଷଣ ରଖିଥିଲେ। ସଂଘ ସମ୍ପାଦକ ହୃଷିକେଶ ସାହୁ କହିଥିଲେ। ଜଣସଚେତନତାର ଫଳ ସ୍ୱରୂପ ଏହିବର୍ଷ ରକ୍ତର ଆବଶ୍ୟକତାର ଶତକଡା ୯୧ ଭାଗ ରକ୍ତ ସଂଗୃହୀତ ହୋଇପାରିଛି। ଏହି ଉଦ୍‌ଯୋଗୀ ମନୋଭାବ ସମସ୍ତଙ୍କ ମନରେ ଥାଉ ବୋଲି ମତ ପୋଷଣ କରିଥିଲେ। ସଭାରେ ଡାକ୍ତର ସଞ୍ଜୀବ କୁମାର ପ୍ରଧାନ, ଡାକ୍ତର ସରୋଜ ରାଜ, ଡାକ୍ତର ମନୋଜ ସାହୁ, ରକ୍ତଦାନ ଉପରେ ମତ ବ୍ୟକ୍ତ କରିଥିଲେ। ସଭା ରକ୍ତଦାନ ବିଷୟରେ ଗୋଷ୍ଠୀ ସ୍ତରରେ ଅଧିକ ସଚେତନତା ସୃଷ୍ଟିପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ (ରକ୍ତଦାନ କେନ୍ଦ୍ର ଅଧିକାରୀ)ଙ୍କ ପରିଚାଳନାରେ ହୋଇଥିଲା ଓ ଶେଷରେ ପ୍ରଦୀପ କୁମାର ସାହୁ (ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ) ଧନ୍ୟବାଦ ଅର୍ପଣ କରିଥିଲେ।



# ରକ୍ତଦାତା ଦିବସରେ ରକ୍ତଦାନ ଶିବିର



ଜଳେଶ୍ୱର,୧୪।୬ (ସମିସ): ୨୩ତମ ବିଶ୍ୱ ରକ୍ତାଦାତା ଦିବସ ପାଳନ ଓ ରୋଟାରୀ କ୍ଲବ୍‌ର ପୂର୍ବତନ ସଭାପତି ରାଜେଶ ଖାଟୁଆଙ୍କ ଜନ୍ମ ଦିବସ ଅବସରରେ ଜିଲ୍ଲା ରକ୍ତଦାତା ସଂଘ ଓ ଜଳେଶ୍ୱର ରୋଟାରୀ କ୍ଲବ୍ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଓ ସମ୍ବର୍ଦ୍ଧନା ଉତ୍ସବ ଜଳେଶ୍ୱର ମୁରଲୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରର ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ପାଦକ ଡ. ହୃଷିକେଶ ସାହୁ, ଉପସଭାପତି ଉତ୍ତର ଦଣ୍ଡପାଟ, ସୁମନ୍ତ କୁମାର ଜେନା, ଜଳେଶ୍ୱର ଜି. କେ. ଭଟ୍ଟର ହସ୍‌ପିଟାଲର ମୁଖ୍ୟ ଡ. ଦିଲ୍ଲୀପ କୁମାର ପାତ୍ର, ଭୋଗରାଇ ଶାଖା ସଭାପତି ଅଧୀର ଗିରି ଗୋଶ୍ୱାମୀ, ସମ୍ପାଦକ ସନ୍ତୋଷ କୁମାର ଜେନା, ଜଳେଶ୍ୱର ବ୍ଲକ ଶାଖା ସଭାପତି ଅଜିତ କୁମାର ମହାନ୍ତି, ଜିଲ୍ଲା ଉପ ସଭାପତି ତଥା ଜଳେଶ୍ୱର ବ୍ଲକ୍ ସମ୍ପାଦକ ସୁବ୍ରତ କୁମାର ରଣା, ରୋଟାରୀ କ୍ଲବ୍‌ର ପୂର୍ବତନ ସଭାପତି ପ୍ରବୀର କୁମାର ପ୍ରଧାନ, ରାଜେଶ କୁମାର ଖାଟୁଆ, ନରସିମା କ୍ଲବ୍‌ର ସଭାପତି ରୋନିତ କୁମାର ଦାସ ପ୍ରମୁଖ ଯୋଗଦେଇ ରାକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବର ପ୍ରାରମ୍ଭରେ ରକ୍ତଦାତା ସଂଘର ଜିଲ୍ଲା ସଂଗଠନ ସମ୍ପାଦକ ମନୋରଞ୍ଜନ ଦାସ ଅତିଥି ଆମନ୍ତ୍ରଣ ତଥା ସଭା ପରିଚାଳନା କରିଥିଲେ। ଏହି ଶିବିରରେ ମୋଟ ୧୦୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାରର ଡାକ୍ତର ବସନ୍ତ ଉପାଧ୍ୟାୟଙ୍କ ନେତୃତ୍ୱରେ ରକ୍ତ ସଂଗୃହୀତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ରକ୍ତଦାତା ଦିବସ

ନୀଳଗିରି,୧୪।୬(ସମିସ)



ଆଜି ପୂର୍ବାହ୍ନରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ପରିସର ସମ୍ମିଳନୀ କକ୍ଷରେ ବିଶ୍ୱ ରକ୍ତଦାତା ଦିବସ, ଓଡ଼ିଶା ରକ୍ତ କେନ୍ଦ୍ର, ନୀଳଗିରି ରକ୍ତ କେନ୍ଦ୍ର ଓ ରକ୍ତଦାତା ସଂଘ ନୀଳଗିରି ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ସକାଳ ୯ଟାରୁ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଶିବିରକୁ ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଡାକ୍ତର ସତ୍ୟନାରାୟଣ ନାୟକ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଶିବିରରୁ ୧୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏହି ଅବସରରେ ରକ୍ତଦାତା ଓ ରକ୍ତଦାନ ଶିବିର ଆୟୋଜକଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଡାକ୍ତର ସତ୍ୟନାରାୟଣ ନାୟକ ପରିଚାଳନା କହିଥିଲେ। ରକ୍ତ କେନ୍ଦ୍ର ଅଧିକାରୀ ଡାକ୍ତର ମନୋଜ ବାରିକ ପ୍ରଥମେ ବିଶ୍ୱ ରକ୍ତଦାତା ଦିବସ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ରକ୍ତଦାତା ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ନୀଳଗିରି ରକ୍ତ କେନ୍ଦ୍ର କିଭଳି ଭାବେ ଉନ୍ନତି ହେବ ସେଥିପାଇଁ ପଦକ୍ଷେପ ନେବାପାଇଁ ଅନୁରୋଧ କରିଥିଲେ। ରକ୍ତ ବିନା ଯେଭଳି ଭାବେ ନୀଳଗିରିରେ କୌଣସି ବ୍ୟକ୍ତି ନ ମରେ ସେଠି ପାଇଁ ଆମ୍ଭେ ଶପଥ ନେବା ପାଇଁ କହିଥିଲେ।ଉକ୍ତ ସଭାରେ ନୀଳଗିରି ବାର ସଂଗଠନକୁ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ ସଭାରେ ରକ୍ତଦାତା ସଂଘର ବରିଷ୍ଠ ଉପଦେଷ୍ଟା ରବି ରାଉତ, ଡ. ପ୍ରଦୀପ୍ତ କୁମାର ମିଶ୍ର, ବାମନ ଚରଣ ମହାନ୍ତି ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜର ମତାମତ ରଖି ଥିଲେ। ଅନ୍ୟମାନଙ୍କ ମଧ୍ୟରେ। ପ୍ରଫୁଲ୍ଲ ଦଲେଇ, ତପସ୍ୱିନୀ ପଣ୍ଡା, ଅନାଦି ବେହେରା, ଡାକ୍ତର ଶୁଭ୍ରାଂଶୁ ଶେଖର ପରିଡ଼ା, ରକ୍ତ କେନ୍ଦ୍ରର ଟେକ୍ନିସିଆନ୍ ରାଜେଶ ବେହେରା, ସଂଗ୍ରାମ ମହାପାତ୍ର, ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମ କୁ ସଫଳ କରିବାରେ ସହଯୋଗ କରିଥିଲେ। ଶେଷରେ ଆଗାମୀ ଦିନରେ ନୀଳଗିରିରେ ରକ୍ତ ବିନା ଯେଭଳି କୌଣସି ବ୍ୟକ୍ତି ନ ମରେ ସେଥିପାଇଁ ଡାକ୍ତର ସତ୍ୟନାରାୟଣ ନାୟକ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଶପଥ ପାଠ କରାଇଥିଲେ।

# ବରୁଣେଶ୍ୱର ହାଇସ୍କୁଲରେ ଗୁରୁପୂଜନ କାର୍ଯ୍ୟକ୍ରମ

**ପ୍ରୀତିପୁର,୧୪।୬(ସମିସ):** ବିଞ୍ଝାରପୁର ବ୍ଲକର ବରୁଣେଶ୍ୱର ପୀଠ ସଂଲଗ୍ନ ବରୁଣେଶ୍ୱର ହାଇସ୍କୁଲ ପରିସରରେ ଆଜି ୧୯୮୩ ସିନିଅର ବ୍ୟାଚ୍ ଛାତ୍ରଛାତ୍ରୀଙ୍କର ବନ୍ଧୁମିଳନ ଓ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପୁରାତନ ଛାତ୍ରଛାତ୍ରୀ ପରସ୍ପରକୁ ଭେଟି ୪୩ ବର୍ଷର ପୁରୁଣାଦିନର ଅଭୁଲା ଅନୁଭୂତିର ରୋମନ୍ଥନରେ ବିଭୋର ହୋଇଥିଲେ। ପୁରାତନ ଛାତ୍ରଛାତ୍ରୀ ମାନେ ସେମାନଙ୍କର ପୁରାତନ ଶିକ୍ଷକମାନଙ୍କ ଗହଣରେ ପ୍ରଥମେ ବରୁଣେଶ୍ୱରଙ୍କ ଦର୍ଶନ କରିଥିଲେ। ଏହାପରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଗୁରୁମାନଙ୍କୁ ମଞ୍ଚାସୀନ କରାଇ ସେମାନଙ୍କୁ ପୂଜାର୍ଚ୍ଚନା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ନାୟକ, ଅଦ୍ୱୈତ ପ୍ରସାଦ ପଣ୍ଡା, ପ୍ରସନ୍ନ କୁମାର ସାହୁ, ବିମ୍ବାଧର ଓଝା, କୈଳାସ ଚନ୍ଦ୍ର ବେହେରା, ଦିଗମ୍ବର ସାହୁ, ମଧୁସୂଦନ ପଣ୍ଡା ଓ ବର୍ତ୍ତମାନର ପ୍ରଧାନ ଶିକ୍ଷକ ଅନାଦି ଚରଣ ଯେନା ଯୋଗ ଦେଇଥିଲେ। ଏହାପରେ ପୁରାତନ ଛାତ୍ର ଇଂ.ପ୍ରଦୀପ ମହାଳିକଙ୍କ ସଭାପତିତ୍ୱରେ ଅନୁଭବ ଓ ଅନୁଭୂତିର ଗଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୯୮୩ ସିନିଅର ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଡା. ଦୋଳଗୋବିନ୍ଦ ଜେନା, ପ୍ରାଧ୍ୟାପକ ବଳରାମ ପଣ୍ଡା, ଶିକ୍ଷାବିତ୍ ଆର୍ଯ୍ୟନାରାୟଣ ପଣ୍ଡା, ଶିକ୍ଷାବିତ୍ ଅଶୋକ ବେହୁରିଆ, ମିନତୀ ପଣ୍ଡା, ବିଜୟ କୁମାର ରାଉତ, ଚନ୍ଦ୍ରକାନ୍ତ ପଣ୍ଡା, ପ୍ରବୀଣ କୁମାର ପୃଷ୍ଟି, ବିଜୟ ମଲିକ, ସରୋଜ ବେହୁରିଆ, ବିଜୟ ପରିଡା, ବିରଞ୍ଚି ଧଳ, ରମେଶ ପଣ୍ଡା, ନାରାୟଣ ଧଳ, ସରୋଜିନୀ ପଣ୍ଡା, ସବିତା ଜେନା, ଆରତୀ ବେହେରା, ଅନୀତା ନାୟକ, ମନ୍ଦାକିନୀ ନାୟକ, ମଣିମାଳା ନାୟକ ଓ ବାସୁଦେବ ରଥ ପ୍ରମୁଖ ପୁରୁଣା ଦିନର କଥାକୁ ବଖାଣିଥିଲେ। କାର୍ଯ୍ୟକ୍ରମ ଗୁଡିକର ଆୟୋଜନ କ୍ଷେତ୍ରରେ ଡା.ଦୋଳଗୋବିନ୍ଦ ଜେନା ଓ ତାଙ୍କର ପତ୍ନୀ ବନ୍ଦନା ନାୟକଙ୍କ ସହଯୋଗ ପାଇଁ ବନ୍ଧୁମାନେ କୃତଜ୍ଞତା ଜଣାଇଥିଲେ।



## ରାଜ ପ୍ରିମିୟର ଲିଗ୍ ଉଦ୍‌ଘାଟିତ: ଉଇଣ୍ଟେକ ଟିମ୍‌କୁ ହରାଇ ଜୟ ମାତାଜୀ ଟିମ୍ ବିଜୟୀ

**ଦାନଗଦି,୧୪।୬(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ କିଆଝର ପଞ୍ଚାୟତ ଅଧୀନସ୍ଥ ଉପରଟମକାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବୀଣାପାଣୀ ୟୁଥ୍ କ୍ଲବର ୧୭ତମ ବାର୍ଷିକ ରାଜ ପ୍ରିମିୟର ଲିଗ୍ ବୀଣାପାଣି ମିନି ଷ୍ଟାଡିୟମରେ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଟମକା ଅଞ୍ଚଳର ବଛା ବଛା କ୍ରିକେଟ ଖେଳାଳିଙ୍କୁ ନେଇ ମୋଟ ୮ ଜଣ ମାଲିକ ମଧ୍ୟରେ ୮ଗୋଟି ଟିମ୍ କରି କ୍ରିକେଟ୍ ପ୍ରତିଯୋଗିତା କରାଯାଇଥିଲା। ପହିଲି ରଜରେ ଉଇଣ୍ଟେକ୍ କ୍ରିକେଟ୍ ଟିମ୍ ଓ ଜୟ ମାତାଜୀ ଟିମ୍ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳ ହେଇଥିଲା। ଜୟ ମାତାଜୀ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ଓଭରରେ ୧୬୨ ରନ୍ କରିଥିଲା ବେଳେ ଉଇଣ୍ଟେକ୍ ଟିମ୍ ୧୫୦ ରନ୍ କରିବାକୁ ସକ୍ଷମ ହେଇ ରନର୍ସ ଅପ ହୋଇଥିଲା। ଏହି ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ କିଆଝର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ତଥା କ୍ଲବର ସଭାପତି ସୌମ୍ୟରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥି ଭାବେ ମହାଗିରୀ ପ୍ରେସ୍ କ୍ଲବର କର୍ମକର୍ତ୍ତା ଏସ୍.କେ ଅବତାର ଅଲ୍ଲି, ଅନିଲ୍ କୁମାର ଦାସ, ନରୋତ୍ତମ ବେହେରା ଯୋଗ ଦେଇ ବିଜୟୀ ଓ ପରାଜୟ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପୁରସ୍କାର କରିଥିଲେ। ଜୟ ମାତାଜୀ କ୍ଲବର କ୍ୟାପଟେନ୍ ସଂଜିତ୍‌କୁ ମ୍ୟାନ ଅଫ ଦି ସିରିଜ୍ ପୁରସ୍କାର ଦିଆଯାଇଥିଲା। ପ୍ରତିଯୋଗିତାରେ ରାଜୁ ଦାସ ଓ ଗୁଲୁ ଖେଳ ପରିଚାଳନା କରିଥିବା ବେଳେ ନୃପମଣି ଦାସ, କିସାନମୁଣ୍ଡା, ମଦନ ଦାସ, ଭାଗୀରଥି ତନ୍ତୀ, ଭାଗୀରଥି ପାତ୍ର, ମଦନ ତନ୍ତୀ, ଦ୍ୱାରିକାନାଥ ଦାସ ସମସ୍ତ ମାଲିକ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରୁଥିଲେ। ଟମକା ଅଞ୍ଚଳର ଶିକ୍ଷାବିତ ଭାଷ୍ୟକାର ବାବାଜୀଚରଣ ଜେନା ମଞ୍ଚ ସଂଯୋଜନା କରିଥିଲେ। ଏହି ଖେଳରେ ବୀଣାପାଣି କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ଏରବାଙ୍କରେ ପ୍ରସ୍ତାବିତ ମଡେଲ ଜେଲ୍

# ନିର୍ମାଣ କାର୍ଯ୍ୟକୁ ଗ୍ରାମବାସୀଙ୍କ ବିରୋଧ

**ଯାଜପୁର,୧୪।୬(ସମିସ)**

ଯାଜପୁର ସଦର ଥାନା ଅନ୍ତର୍ଗତ ଏରବାଙ୍କ ଠାରେ ପ୍ରସ୍ତାବିତ ମଡେଲ ଜେଲ ବିବାଦ ଦିନକୁ ଦିନ ଭିନ୍ନ ମୋଡ଼ ନେଉଥିବା ଦେଖିବାକୁ ମିଳୁଛି। ପ୍ରଶାସନର ଆଶ୍ୱାସନାକୁ ହଜମ କରି ପାରୁନାହାନ୍ତି ସେଠାକାର ଅଞ୍ଚଳବାସୀ। ପୁଣି ବିବାଦ ଭିତରେ ଛନ୍ଦି ହୋଇଗଲାଣି ମଡେଲ ଜେଲ। କାର୍ଯ୍ୟ ଆରମ୍ଭରୁ ବାଧା ସୃଷ୍ଟି କଲେଣି ସ୍ଥାନୀୟ ଅଞ୍ଚଳବାସୀ। ଗତ ୧୧ ତାରିଖରେ ପୁଲିସ ଛାଉଣୀ ମଧ୍ୟରେ ଜେସିବି ମେସିନ ଦ୍ୱାରା ଜିଲ୍ଲା ପ୍ରଶାସନ କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ କାର୍ଯ୍ୟ ଆରମ୍ଭ ହେବାର ୨୪ ଘଣ୍ଟା ପରେ କାର୍ଯ୍ୟବନ୍ଦ କରିଦେଇଛନ୍ତି ସ୍ଥାନୀୟ ଗ୍ରାମବାସୀ। ସୂଚନା ମୁତାବକ ଯାଜପୁର ବ୍ଲକ ଏରବାଙ୍କ ପଞ୍ଚାୟତ ଛତରିଆ ପଡ଼ିଆରେ ମଡେଲ ଜେଲ ନିର୍ମାଣଙ୍କୁ ନେଇ ଦୀର୍ଘ ୭ବର୍ଷ ଧରି ପ୍ରଶାସନ ସହିତ ଅଞ୍ଚଳବାସୀଙ୍କ ବାଦ ବିବାଦ ଲାଗିରହିଥିବା ବେଳେ ଆଜି ଗ୍ରାମବାସୀଙ୍କ ଜୋରଦାର ବିରୋଧ କରିବା ଦେଖିବାକୁ ମିଳିଛି। ଆଜି ଗ୍ରାମବାସୀଙ୍କ ସହ ସ୍ଥାନୀୟ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀଙ୍କ ସହ ଆଲୋଚନା କରିଥିଲେ। ସ୍ଥାନୀୟ ବିଧାୟକ ଗ୍ରାମବାସୀଙ୍କୁ ନେଇ ଏକ କମିଟି ଗଠନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏସମ୍ପର୍କିତ ଏକ ରିପୋର୍ଟ ଦିଆଯିବ ବୋଲି କହିଛନ୍ତି। ଏଠାରେ ଜେଲ୍ ନିର୍ମାଣ କାର୍ଯ୍ୟ ନ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପୁନର୍ବାର ଜିଲ୍ଲା ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି। ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଏହି ଯୋଜନା ପୂର୍ବରୁ ପ୍ରଣୟନ ହୋଇଥିବା କଥା ଉଲ୍ଲେଖ କରିଥିଲେ। କାର୍ଯ୍ୟ ୭ବର୍ଷ ହେବ ବନ୍ଦଥିଲା। ଗ୍ରାମବାସୀଙ୍କ ଅଭିଯୋଗକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂରଣ କରାଯାଇଛି ବୋଲି ସେ କହିଥିଲେ।

ପ୍ରକାଶ ଥାଉକି ଏରବାଙ୍କ ପଞ୍ଚାୟତରେ ଥିବା ବିସ୍ତୃତ ଗୋଚର ଜମି ମଧ୍ୟରୁ ୨୦ ଏକର ଜମି ଉପରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ଏକ ମଡେଲ୍ ଜେଲ୍ ନିର୍ମାଣ କରିବା ପାଇଁ ସରକାରୀ ସ୍ତରରେ ନିଷ୍ପତି ନିଆଯାଇଥିଲା। ଜେଲ ନିର୍ମାଣକୁ ବିରୋଧ କରି ଏରବାଙ୍କ ଗ୍ରାମ ସମେତ ଆଖପାଖ ଅଞ୍ଚଳର ଲୋକେ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିଥିଲେ। ହେଲେ ରାଜ୍ୟ ସରକାର କି ଜିଲ୍ଲା ପ୍ରଶାସନ ଏହାକୁ ଆଦୌ କର୍ଣ୍ଣପାତ କରିନଥିଲେ। ଗତ ୧୧ତାରିଖ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। କାଳେ କୌଣସି ପ୍ରତିରୋଧ ହେବ, ସେଥିପାଇଁ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ଅଭିଯୋଗ ନ ଶୁଣିବାରୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଛତରିଆ ପଡ଼ିଆ ନିକଟସ୍ଥ ମହାପୁରୁଷଙ୍କ ସମାଧି ପୀଠ ଓ ଗ୍ରାମଦେବତୀ ମା'ବନଦୁର୍ଗାଙ୍କ ନିକଟରେ ମିଳିତ ହୋଇ ଦୀପ ଜଳାଇ ପ୍ରତିବାଦ ଜଣାଇଥିଲେ। ତେବେ ରଜ ତିନିଦିନ ପାଇଁ ଉକ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଛି। ପରବର୍ତ୍ତୀ ସମୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବ ସେଥିପ୍ରତି ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ତୀକ୍ଷ୍ଣ ନଜର ରଖିଥିବା ବେଳେ ପ୍ରସ୍ତାବିତ ସ୍ଥାନରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି।



# ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ପାଣିକୋଇଲି, ୧୪।୬ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ବଜାର ନିକଟରେ ଏକ ଟ୍ରକ୍ ପଛରେ ବାଇକ ଦୁର୍ଘଟଣା ହେବାରୁ ଚାଳକ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତ ଖସାଗଡ଼ିଆ ଗ୍ରାମର କରୁଣାକର ମାଝୀଙ୍କ ପୁଅ ଆଶୁତୋଷ ମାଝୀ (୨୬) ବାଇକ (ଓଡି୩୪ଏଚ ୦୮୪୯) ଯୋଗେ କଳିଙ୍ଗନଗର ଶିଳ୍ପାଞ୍ଚଳରୁ ଘରକୁ ଫେରୁଥିବା ବେଳେ ଏକ ଗାଡି ପଛରେ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଗୁରୁତର ଆହତ ହୋଇ ରକ୍ତାକ୍ତ ଓ କ୍ଷତାକ୍ତ ହୋଇ ରାସ୍ତାରେ ପଡିଥିଲେ। ଖବରପାଇ ପାଣିକୋଇଲି ଥାନା ସବଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସ, ଏଏସଆଇ ସୋମନାଥ ରାଉତ, ବ୍ରଜ କିଶୋର ସ୍ୱାଇଁ ଘଟଣାସ୍ଥଳେ ପହଞ୍ଚି ଆହତ ଆଶୁତୋଷକୁ ପୁଲିସ ଗାଡିରେ ନେଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ଆଶୁତୋଷଙ୍କ ଅବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟର ଆଇସିୟୁ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଟ୍ରକଟି ଫେରାର ହୋଇ ଯାଇଥିବା ବେଳେ ପୁଲିସ ବାଇକକୁ ଜବତ କରି ତଦନ୍ତ ଜାରି ରଖିଛି।

# ରଜ ପାଇଁ ଉତ୍ସବମୁଖର ବିଞ୍ଝାରପୁର

**ବିଞ୍ଝାରପୁର,୧୪।୬(ସମିସ):** ଓଡ଼ିଆଙ୍କ ପ୍ରମୁଖ ଗଣପର୍ବ ରଜର ଆଗମନ ସହ ବିଞ୍ଝାରପୁର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଗାଁରୁ ସହର, ସବୁଠି ଏବେ ରଜର ରଙ୍ଗ ଓ ଉଲ୍ଲାସ ଭରି ରହିଛି। ଘରେ ଘରେ ପିଠାପଣାର ସୁଗନ୍ଧ, ଦୋଳି ଖେଳର ଆନନ୍ଦ, ରଜ ଗୀତର ମଧୁର ସ୍ୱର ଏବଂ ନୂଆ ପୋଷାକରେ ସଜେଇ ହୋଇଥିବା ଯୁବତୀମାନଙ୍କ ଉପସ୍ଥିତି ପରିବେଶକୁ ଅଧିକ ସରସ ଓ ପ୍ରାଣବନ୍ତ କରିଦେଇଛି। ରଜ ପର୍ବ ଓଡ଼ିଆ ସଂସ୍କୃତିର ଏକ ନିଆରା ପରମ୍ପରା। ମାଟି ମାଆଙ୍କ ଋତୁସ୍ନାନକୁ କେନ୍ଦ୍ର କରି ପାଳିତ ଏହି ପର୍ବରେ କୃଷି କାର୍ଯ୍ୟରୁ ବିରତି ନେଇ ଲୋକେ ଆନନ୍ଦ ଉତ୍ସବରେ ମାତିଥାନ୍ତି। ବିଞ୍ଝାରପୁର ଅଞ୍ଚଳରେ ମଧ୍ୟ ଏହି ପରମ୍ପରା ଆଜି ବି ଅତୁଟ ରହିଛି। ପହିଲି ରଜ ଦିନ ସକାଳୁ ଝିଅ ଓ ମହିଳାମାନେ ସଜବାଜ ହୋଇ ନୂଆ ପୋଷାକ ପିନ୍ଧି ରଜ ପାଳନରେ ସାମିଲ ହୋଇଥିଲେ। ଘରେ ଘରେ ପୋଡ଼ପିଠା, ଚକୁଳି, ଆରିସା, ମଣ୍ଡା ଓ ବିଭିନ୍ନ ପାରମ୍ପରିକ ପିଠା ପ୍ରସ୍ତୁତ କରାଯାଇଥିଲା। ରଜ ପର୍ବର ଅନ୍ୟତମ ଆକର୍ଷଣ ହେଉଛି ଦୋଳି ଖେଳ। ବିଞ୍ଝାରପୁରର ବିଭିନ୍ନ ଗ୍ରାମରେ ବାଉଁଶ ଦୋଳି ଓ ପିଢ଼ା ଦୋଳି ବନ୍ଧାଯାଇ ଯୁବତୀମାନେ ଦୋଳି ଖେଳିବା ସହ ରଜ ଗୀତ ଗାଇ ଉତ୍ସବକୁ ଜୀବନ୍ତ କରିଥିଲେ। ଦୋଳିର ତାଳେ ତାଳେ ରଜ ଗୀତ ଗାଇବାର ପରମ୍ପରା ଆଜି ମଧ୍ୟ ଅନେକ ଗ୍ରାମରେ ଅବିକଳ ରହିଛି। ଦୋଳି ପାଖରେ ଛୋଟ ପିଲାଙ୍କ ଭିଡ଼ ଓ ଯୁବତୀମାନଙ୍କ ହସଖୁସିରେ ପରିବେଶ ମୁଖରିତ ହୋଇଉଠିଥିଲା। ରଜ ପାଳନରେ "ରଜ ପାନ'ର ଗୁରୁତ୍ୱ ମଧ୍ୟ ଅତ୍ୟନ୍ତ ସ୍ୱତନ୍ତ୍ର। ଅନ୍ୟ ଦିନ ଅପେକ୍ଷା ରଜ ଅବସରରେ ପାନ ଦୋକାନଗୁଡ଼ିକରେ ଅଧିକ ଭିଡ଼ ଦେଖିବାକୁ ମିଳୁଛି। ବିଶେଷ ଭାବେ ପ୍ରସ୍ତୁତ ହେଉଥିବା ରଜ ପାନରେ ଗୁଆ, ମଧୁରୀ, କେଶର, ଶୁଖିଲା ନଡ଼ିଆ, ଏଲାଚି, ଲବଙ୍ଗ ସମେତ ପ୍ରାୟ ୨୨ ପ୍ରକାର ମସଲା ବ୍ୟବହାର କରାଯାଉଛି। ରଜ ବଜାରରେ ଏହି ଖିଲି ପାନର ଚାହିଦା ବେଶ ବଢ଼ିଥିବା ବେଳେ ଦୋକାନୀମାନେ ମଧ୍ୟ ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ସ୍ୱତନ୍ତ୍ର ପ୍ରକାରର ପାନ ପ୍ରସ୍ତୁତ କରୁଛନ୍ତି। ଏଥିସହ ରଜ ଅବସରରେ ବିଞ୍ଝାରପୁର ବ୍ଲକର ବିଭିନ୍ନ ସ୍ଥାନରେ ରଜ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଧୁମଧାମରେ ଆୟୋଜିତ ହୋଇଛି। ମାଳିଆ ଯଜ୍ଞ ପଡ଼ିଆରେ ଅନୁଷ୍ଠିତ ଖରସ୍ରୋତା ରଜ ମହୋତ୍ସବ ବହୁ ସଂଖ୍ୟକ ଦର୍ଶକଙ୍କୁ ଆକର୍ଷିତ କରିଥିବା ବେଳେ କଏଣା-ବାଙ୍କୀପାଳ, ବିଞ୍ଝାରପୁର ଯଜ୍ଞ ପଡ଼ିଆ, ଚିକଣା ଗ୍ରାମ, ଅରେଇ ସ୍ଥିତ ତପସ୍ୱିନୀ ଡ୍ୟାନ୍ସ ସ୍କୁଲ ସମେତ ବିଭିନ୍ନ ଅଞ୍ଚଳରେ ମଧ୍ୟ ରଜ ଉତ୍ସବ ଧୁମଧାମରେ ପାଳିତ ହୋଇଛି। ଏହି ଅବସରରେ ସାଂସ୍କୃତିକ ସନ୍ଧ୍ୟା, ରଜ ଦୋଳି ପ୍ରତିଯୋଗିତା, ପାରମ୍ପରିକ ଖେଳକୁଦ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଲୋକଙ୍କ ମନୋରଞ୍ଜନର ପ୍ରମୁଖ ଆକର୍ଷଣ ପାଲଟିଥିଲା। କେବଳ ଝିଅମାନେ ନୁହେଁ, ପୁଅମାନେ ମଧ୍ୟ ରଜ ଉତ୍ସବରେ ସମାନ ଭାବେ ସାମିଲ ହୋଇଛନ୍ତି। ତାସ୍ ପାଲି, କବାଡି, ଲୁଡୁ ଓ ଅନ୍ୟାନ୍ୟ ଖେଳକୁ ନେଇ ବିଭିନ୍ନ ସ୍ଥାନରେ ଆସର ଜମିଛି। ସାଙ୍ଗସାଥୀଙ୍କ ମିଳନ, ଆଲୋଚନା ଓ ମଜାମସ୍ତି ମଧ୍ୟରେ ରଜର ଆନନ୍ଦ ଦୁଇଗୁଣା ହୋଇଯାଇଛି। ରଜକୁ ନେଇ ବିଭିନ୍ନ ହାଟବଜାରରେ ମଧ୍ୟ ଚଳଚଞ୍ଚଳତା ବଢ଼ିଯାଇଛି। ନୂଆ ପୋଷାକ, ପ୍ରସାଧନ ସାମଗ୍ରୀ, ପାନ ଓ ପିଠାପଣା କିଣିବା ପାଇଁ ଲୋକଙ୍କ ଭିଡ଼ ଲାଗି ରହିଛି। ରଜ ପାଇଁ ସଜେଇ ହୋଇଥିବା ଦୋକାନ ବଜାରଗୁଡ଼ିକ ଉତ୍ସବର ମାହୋଲକୁ ଆହୁରି ଆକର୍ଷଣୀୟ କରିଦେଇଛି। ଘରେ ଘରେ ଆନନ୍ଦ, ଉତ୍ସାହ ଓ ଉଲ୍ଲାସ ଭରି ରହିଥିବା ବେଳେ ପୋଡ଼ପିଠା, ପାନ ଓ ପାରମ୍ପରିକ ଖାଦ୍ୟର ଆସର ଜମିଛି। ଅଳତା, କୁଙ୍କୁମ ଓ ରଙ୍ଗିନ ପୋଷାକରେ ସଜେଇ ହୋଇ ମହିଳାମାନେ ରଜର ମଉଜ ଉପଭୋଗ କରୁଛନ୍ତି। ରଜ ଗୀତର ସୁରରେ ଉଚ୍ଛୁଳି ପଡୁଛି ଗାଁ ଗଣ୍ଡା ଏବଂ ଚାତକ ପରି ଅପେକ୍ଷା କରାଯାଉଥିବା ଏହି ପର୍ବ ବିଞ୍ଝାରପୁରରେ ସାମାଜିକ ସମ୍ପ୍ରୀତି, ସାଂସ୍କୃତିକ ଐତିହ୍ୟ ଓ ପାରମ୍ପରିକତାର ଏକ ଅପୂର୍ବ ନିଦର୍ଶନ ସୃଷ୍ଟି କରିଛି। ରଜର ଏହି ଉଲ୍ଲାସ ଆସନ୍ତା ଦୁଇଦିନ ଧରି ଅଞ୍ଚଳବାସୀଙ୍କ ମଧ୍ୟରେ ଜାରି ରହିବ।



# ଧର୍ମଶାଳା ହେଉଛି ସଂସ୍କୃତି, ପରମ୍ପରା ଓ ଐତିହ୍ୟର ପ୍ରାଣକେନ୍ଦ୍ର

**ଧର୍ମଶାଳା,୧୪।୬(ସମିସ):** ରଜ ପର୍ବ ଓଡ଼ିଶାର ଏକ ସ୍ୱତନ୍ତ୍ର ଏବଂ ଲୋକପ୍ରିୟ ପର୍ବ। ଏହା ଏକତା, ଭାଇଚାରା, ଶାନ୍ତି, ମୈତ୍ରୀ ଓ ସଦଭାବନାର ବାର୍ତ୍ତା ଦିଏ। ଏହା ଏକ କୃଷିଭିତ୍ତିକ ପର୍ବ ହୋଇଥିବା ବେଳେ ମୃତ୍ତିକା ଓ ମୌସୁମୀର ଉପାସନା କରାଯାଏ। ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ଆମେ ଏବେ ଆମ ସଂସ୍କୃତି ଓ ପରମ୍ପରାକୁ ଭୁଲିଯିବାକୁ ବସିଲୁଣି ବୋଲି ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ଅଶ୍ୱିନୀ କୁମାର ଭୋଇ ମତବ୍ୟକ୍ତ କରିଛନ୍ତି। ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କଦମପାଳଠାରେ ଗୁରୁଚରଣ ସ୍ମାରକୀ ପଞ୍ଚଦଶ ବାର୍ଷିକ ରଜ ମହୋତ୍ସବରେ ଶ୍ରୀଯୁକ୍ତ ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଉତ୍ସବକୁ ଉଦଘାଟନ କରିଥିଲେ। ଧର୍ମଶାଳା ଅଞ୍ଚଳରେ ବାର ମାସରେ ତେର ପର୍ବ ସହିତ ବର୍ଷସାରା ଏଠାରେ ବିଭିନ୍ନ ପର୍ବପର୍ବାଣୀ ପାଳନ କରାଯାଇଥାଏ, ଯାହାକି ଅନ୍ୟ କେଉଁଠାରେ ଦେଖିବାକୁ ମିଳେ ନାହିଁ ବୋଲି ଶ୍ରୀ ଭୋଇ କହିବା ସହିତ ଧର୍ମଶାଳା ହେଉଛି ସଂସ୍କୃତି, ପରମ୍ପରା ଓ ଐତିହ୍ୟର ପ୍ରାଣକେନ୍ଦ୍ର ଅଟେ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶିଶୁ ସାହିତ୍ୟିକ ଅଭିମନ୍ୟୁ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖପ୍ରାଖୋଲର ଅଧ୍ୟକ୍ଷ ବଳଭଦ୍ର ଦାଶ ମୁଖ୍ୟବକ୍ତା ଏବଂ ବିଶିଷ୍ଟ ସମାଜସେବି ସୁଜାତା ସିଂ ଭୋଇ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ରଜ ପର୍ବର ତାତ୍ପର୍ଯ୍ୟ ଓ ମହନୀୟତା ଉପରେ ଆଲୋକପାତ କରିଥିଲେ। ଆୟୋଜିତ ଉତ୍ସବରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିର୍ମଳ କୁମାର ସାମଲ, କଦମପାଳ ସରପଞ୍ଚ ତୃପ୍ତିଲତା ମହାନ୍ତି, ସମିତିସଭ୍ୟ ପ୍ରଶାନ୍ତ କୁମାର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଫକୀର ଚରଣ ପ୍ରଧାନ, ସାମାଜିକ ସଂଗଠକ ଭରତ ଚନ୍ଦ୍ର ପ୍ରଧାନ, ବିଶିଷ୍ଟ କଳାକାର ବନମାଳୀ ଓଝା, ଉତ୍ତମ ଚରଣ ପ୍ରଧାନ, କ୍ରୀଡ଼ାବିତ୍ ଅମୀୟ କୁମାର ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଗୁରୁଚରଣ ପ୍ରଧାନ, ଚନ୍ଦନ ପ୍ରଧାନ ଓ ଜନାର୍ଦ୍ଦନ ଓଝାଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଉଦ୍‌ଘାଟନ ଅବସରରେ ଅତିଥିମାନଙ୍କ ଦ୍ୱାରା ଦୋଳି ପୂଜା କରାଯାଇ ଦୋଳି ଖେଳର ଶୁଭାରମ୍ଭ କରାଯାଇଥିଲା। ରାଇଜିଂ ଷ୍ଟାର୍ ୟୁଥ୍ କ୍ଲବ୍ ପକ୍ଷରୁ ଏହି ରଜ ମହୋତ୍ସବ ଆୟୋଜିତ ହୋଇଥିବା ବେଳେ ଚାରିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ରଜ ଲାବଣ୍ୟା ଆୟୋଜନ କରାଯାଇଛି। ଏଥିରେ ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତା, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ, ବ୍ଲକ ସଭାପତି ଅନିଲ କୁମାର ପ୍ରଧାନ, ସମ୍ପାଦକ ଦେବକାନ୍ତ ଜେନା, ସନ୍ତୋଷ କୁମାର ସୁବୁଦ୍ଧି, ସରୋଜ କୁମାର ବିଶ୍ୱାଳ, ସୁବାଷ ଚନ୍ଦ୍ର ପ୍ରଧାନ, ବିଭୂତି ଭୂଷଣ ଜେନା, ପ୍ରସନ୍ନ ପ୍ରଧାନ, ଜ୍ୟୋତି ପ୍ରକାଶ ଘଡ଼େଇ, ସଂଗ୍ରାମ ପ୍ରଧାନ, ବୀରେନ୍ଦ୍ର ପ୍ରଧାନ, ଦେଶବନ୍ଧୁ ଜେନା, ମନୋଜ ସୁବୁଦ୍ଧି, କୃଷ୍ଣଚନ୍ଦ୍ର ଓଝା, କାର୍ତ୍ତିକ ଓଝା ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶେଷରେ ସନାତନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ଯଶୋଦା କଳା ପରିଷଦ ପକ୍ଷରୁ ରଜ ମହୋତ୍ସବ



**ପ୍ରୀତିପୁର,୧୪।୬(ସମିସ):** ବିଞ୍ଝାରପୁରର ଅଗ୍ରଣୀ ଅନୁଷ୍ଠାନ ମା' ଯଶୋଦା କଳା ପରିଷଦ ପକ୍ଷରୁ ଜିଲ୍ଲାସ୍ତରୀୟ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏହି ମହୋତ୍ସବରେ ଗୁରୁ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକଙ୍କ ସଂଯୋଜନାରେ ଉତ୍ସବର ମୁଖ୍ୟଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ସୁଶାନ୍ତ କୁମାର ନାୟକ, ମୁଖ୍ୟ ବକ୍ତା ବିଶିଷ୍ଟ ସାହିତ୍ୟିକ ପ୍ରଫୁଲ୍ଲ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ସମାଜସେବୀ ରାଜେନ୍ଦ୍ର ରାଉତରାୟ, ଯୁବ ଶିଶୁ ସାହିତ୍ୟିକ ତଥା ଗୀତିକାର ଧୀରେନ୍ଦ୍ର କୁମାର ମଲ୍ଲିକ, ସମାଜସେବୀ ପ୍ରଦ୍ୟୁମ୍ନ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଆମ ସଂସ୍କୃତି ପରମ୍ପରା ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସଭାପତି ବିନୟ କୃଷ୍ଣ ବେହେରା ସଭାପତିତ୍ୱ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକତା କ୍ଷେତ୍ରରେ ଚନ୍ଦ୍ରଶେଖର ସାହୁ, ଅଜିତ କୁମାର ବେହୁରିଆ ସମାଜସେବା କ୍ଷେତ୍ରରେ ଡ. ଅରୁଣ କୁମାର ସାହୁ, ରାଜେନ୍ଦ୍ର ରାଉତରାୟ ଓ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ମାନପତ୍ର ଉତ୍ତରୀୟ ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରଜ ମଉଜ ପ୍ରତିଯୋଗିତା କ୍ଷେତ୍ରରେ ବିଜୟିନୀ ଦାଶ, ସ୍ନେହାସୁଦ୍ଧା ଓଝା, କ୍ରୀଷ୍ଟା କଲ୍ୟାଣୀ ବେହେରା, ପ୍ରତିମା ସାହୁ, ସାଇ ପ୍ରଭାଂସୁ ନାୟକ, ପ୍ରମିଜ ଶତପଥୀ, ଚନ୍ଦ୍ରକାନ୍ତ ରାଉତ, ଦିବ୍ୟା ଅନୁଷ୍କା ସାହୁ, ଦିନେଶ ମଲ୍ଲିକ, ରଞ୍ଜିତା ସାହୁ, ସାରଥୀ ପ୍ରସାଦ ସାହୁ, ଲକ୍ଷ୍ମୀଧର ମହଲା, ଶ୍ରେୟାଂଶ୍ରୀ ମହାପାତ୍ର, ସୁଦିକ୍ଷା ସୁମନ ଦାସ, ପ୍ରାଞ୍ଜଳୀ ପ୍ରୀୟମ୍ବିକା ମଲ୍ଲିକ, ଶଶିକାନ୍ତ ଦାସ, ସୁସଂକେତ ଭଦ୍ର, ପ୍ରେମ ସାଇ, ଜେ କେ ଘଡ଼ାଇ, ନରୋତ୍ତମ ଦାସ, ସ୍ୱାଗତିକା ଶତପଥୀ, ତମନ୍ନା ମଲ୍ଲିକ, ରୋଜାଲିନ ବେହେରା, ଇତିଶ୍ରୀ ବେହେରା ପ୍ରମୁଖଙ୍କୁ ମୁଖ୍ୟଅତିଥି ଟ୍ରଫି ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଶେଷରେ ମା' ଯଶୋଦା କଳା ପରିଷଦର ଛାତ୍ରଛାତ୍ରୀ "ବନସ୍ତେ ଡାକିଲା ଗଜ' ଗୀତ ଗାଇ ବେଶ୍ ଆନନ୍ଦ ଉଲ୍ଲାସ ଅନୁଭବ କରିଥିଲେ।

# ରତନେଶ୍ୱରୀ ରଜ ମହୋତ୍ସବ ଉଦ୍‌ଘାଟିତ

**ଧର୍ମଶାଳା,୧୪।୬(ସମିସ):** ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତ ରତନପୁର ଗ୍ରାମରେ ଆଜି ଷଷ୍ଠ ରଜ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଏପିଜେ ଅବଦୁଲ କଲାମ ସ୍କୁଲର ପରିଚାଳକ ମନୋଜ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ପ୍ରେସ୍ କ୍ଲବର ଉପଦେଷ୍ଟା ଇନ୍ଦ୍ରମଣି ନାୟକ ଯୋଗଦେଇ ରଜ ପର୍ବ ଓଡ଼ିଆମାନଙ୍କ ଏକ ଗଣପର୍ବ। ଏହି ପର୍ବରେ ଓଡ଼ିଆ ପରମ୍ପରାର ନିଦର୍ଶନ ଦେଖିବାକୁ ମିଳିଥାଏ ବୋଲି ମତବ୍ୟକ୍ତ କରିବା ସହ ରଜ ମହୋତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରେସ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥି ଓ ସମ୍ମାନିତ ଅତିଥି ଭାବେ ପ୍ରେସ କ୍ଲବର ଆଇନ ପରାମର୍ଶଦାତା କ୍ଷୀରୋଦ ମୁଦୁଲି ଯୋଗଦେଇ ରଜ ମହୋତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଅଧ୍ୟାପକ ଜିତେନ୍ଦ୍ର କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ। ପ୍ରତ୍ୟେକ ବର୍ଷ ପରି ଚଳିତ କନିଷ୍ଠ ଓ ବରିଷ୍ଠ ବିଭାଗରେ ନୃତ୍ୟ, ଆଖାଦୌଡ, ଦଉଡି ଡିଆଁ ଆଦି ପ୍ରତିଯୋଗିତା ତିନି ଦିନ ଧରି ଅନୁଷ୍ଠିତ ହେବ। ଲୋକମାନଙ୍କର ପାରମ୍ପରିକ ଭାବନାକୁ ନଜରରେ ରଖି ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ମହୋତ୍ସବ ପଡିଆରେ ରାମ ଦୋଳି, ଚକରି ଦୋଳି, ଢେଙ୍କି ଦୋଳି, ପଟା ଦୋଳି, ବାଉଁଶ ଦୋଳି, ଝୁଲା ଦୋଳି ଆଦି ଭିଭିନ୍ନ ପ୍ରକାର ପାରମ୍ପରିକ ଦୋଳିର ବ୍ୟବସ୍ଥା କରାଯାଇଛି। ଏହି ରଜ ମହୋତ୍ସବକୁ ଦେଖିବା ଲାଗି ଆଖପାଖ ଅଞ୍ଚଳର ବହୁ ମହିଳା ଓ ଯୁବକମାନଙ୍କର ଭିଡ ଲାଗିରହୁଛି। ଆସନ୍ତାକାଲି ଏହି ଉତ୍ସବରେ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମହୋତ୍ସବ କମିଟି ପକ୍ଷରୁ ସଦସ୍ୟ ମାନେ ସୁଚନା ଦେଇଛନ୍ତି।




# ସାହସପୁରରେ ରଜ ମହୋତ୍ସବ

**ଯାଜପୁର,୧୪।୬(ସମିସ):** ଯାଜପୁର ବ୍ଲକ ସାହସପୁର ପଞ୍ଚାୟତରର ସାହସପୁର ଗ୍ରାମରେ ୩ ଦିନ ଧରି ରଜ ମହୋତ୍ସବ ପାଳନ ହୋଉଛି। ଆଜି ପହିଲି ରଜ ଆରମ୍ଭ ହେଇଛି। ତୋଟାରେ ଲାଗିଥିବା ଦୋଳିରେ ଆଖପାଖ ଅଞ୍ଚଳର ବହୁ ଝିଅମାନେ ରଜ ଦୋଳି ଖେଳିବାକୁ ଆସିଥିଲେ। ଦୋଳି ସହିତ ପୁଚି, ନାଚ, ଗୀତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଛି। ଆହୁରି ୨ ଦିନ ରଜକୁ ବେଶ ଧୁମଧାମରେ ପାଳନ ହେବ ବୋଲି କିମିଟି ପକ୍ଷରୁ ସୂଚନା ମିଳିଛି। କାର୍ଯ୍ୟକ୍ରମକୁ ନଳିନୀକାନ୍ତ ରାଉତ, ସନାତନ ସାହୁ, ସମୀର କୁମାର ରାଉତ, ଶିବବ୍ରତ ଜେନା, ଜୟ ରାମ ରାଉତ, ବିଶ୍ୱଭୂଷଣ ଜେନା ପ୍ରମୁଖ ସହଯୋଗ କରିଥିଲେ।



### ଖାଁ ଖାଁ କୃଷକ ପ୍ରତୀକ୍ଷା କେନ୍ଦ୍ର

# ଶାଗ, ମାଛ ଦରରେ ବେପାରୀଙ୍କୁ ଧାନ ବିକୁଛନ୍ତି ଚାଷୀ

ବାରିକପୁର,୧୪।୬(ସମିସ):

ଖରିଫ ଧାନ ବିକ୍ରି ପାଇଁ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର ଚାଷୀମାନେ ଯେଉଁଭଳି ହୀନସ୍ତା ହେଉଥିଲେ ଏବେ ରବି ଧାନ ପାଇଁ ମଧ୍ୟ ସେହିଭଳି ଯନ୍ତ୍ରଣା ଭୋଗୁଛନ୍ତି। ପ୍ରଶାସନ ଧାନ କିଣିବ କିଣିବ କହି ସମୟ ଗଡ଼େଇ ଚାଲିଥିବାବେଳେ ଚାଷୀମାନେ ଶାଗ ମାଛ ଦରରେ ବେପାରୀଙ୍କୁ ଧାନ ବିକୁଛନ୍ତି। ରଜ ପର୍ବର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଶନିବାର ଖର୍ଚ୍ଚ କରିବା ପାଇଁ ଚାଷୀମାନେ ବାଧ ହୋଇ ଦଲାଲଙ୍କ ହାତରେ ଧାନ ଗଣ୍ଡାକ ଟେକି ଦେଉଛନ୍ତି। ସୂଚନା ମୁତାବକ, ବ୍ଲକ୍‌ର ୪ଟି ସରକାରୀ ମଣ୍ଡିରେ ରବି ଧାନ କ୍ରୟ ହେବ ବୋଲି କାଗଜପତ୍ରରେ ସମସ୍ତ ବ୍ୟବସ୍ଥା ହୋଇଛି। ଏଥିପାଇଁ ସ୍ମାରକୀ ରୂପେ ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କ ପାଇଁ କ୍ଷୁଦ୍ର ଅସ୍ଥାୟୀ ପ୍ରତୀକ୍ଷାଳୟ ନିର୍ମିତ ହୋଇଛି। ପରିତାପର ବିଷୟ ମିଲର ଧାନ କ୍ରୟ ପାଇଁ ଇଚ୍ଛାପ୍ରକାଶ କରୁ ନ ଥିବାବେଳେ ଚାଷୀମାନେ ମଧ୍ୟ ମଣ୍ଡିକୁ ଆସୁନାହାନ୍ତି। ପ୍ରତୀକ୍ଷା କେନ୍ଦ୍ର ସଦାସର୍ବଦା ଫାଙ୍କା ରହୁଥିବା ଦେଖାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ରହଣିଆ ସମବାୟ ସମିତି ମଣ୍ଡିଠାରେ ୧୭୮



ଜଣ ଚାଷୀଙ୍କ ଧାନ ବିକ୍ରି ପାଇଁ ବ୍ୟବସ୍ଥା ହୋଇଛି। ସେହିଭଳି ନାରାୟଣପୁର ସମିତିଠାରେ ୧୯୮, ଜଳମଣ୍ଡୁଆ ସମିତିଠାରେ ୬୭ ଓ ତେସିଙ୍ଗା ସମବାୟ ମଣ୍ଡିଠାରେ ୩୫୭ ଜଣ ଚାଷୀ ଧାନ ବିକ୍ରି ପାଇଁ ନିର୍ଦ୍ଦେଶ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମଣ୍ଡି ସହିତ ସଂଯୁକ୍ତ ହୋଇଥିବା ମିଲରମାନେ ଧାନ କିଣିବାକୁ ଅମଙ୍ଗ ହୋଇଛନ୍ତି। ଶସ୍ୟ ଗଚ୍ଛିତ ପାଇଁ ସେମାନଙ୍କ ପାଖରେ ସ୍ଥାନର ଅଭାବ ଥିବାରୁ ରବି ଧାନ ନେବାକୁ କେହି ରାଜି ହେଉନାହାନ୍ତି। ଏଭଳି ଏକ ସହଜ ସୁନ୍ଦର ଆପତ୍ତି ଉଠାଇ ମିଲରମାନେ ଧାନ କ୍ରୟ ବ୍ୟବସ୍ଥାରୁ ଓହରିଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏଥିଯୋଗୁଁ ଚାଷୀମାନେ ବଳି ପଡୁଛନ୍ତି। ପ୍ରଶାସନ ମଧ୍ୟ ନିରୁପାୟ ହୋଇପଡ଼ିଛି। ଏପଟେ କେବଳ ମାନ ରଖିବାକୁ ପ୍ରଶାସନିକ ଅଧିକାରୀମାନେ ମିଲର ଓ ମଣ୍ଡି କର୍ତ୍ତୃପକ୍ଷଙ୍କୁ କହୁଛନ୍ତି। ଯାହାକି ଚାଷୀଙ୍କ ପାଇଁ ବିଲକୁଲ୍ ଲାଭଦାୟକ ହେବ ନାହିଁ ବୋଲି ମତପ୍ରକାଶ ପାଇଛି। ତେଣୁ କିଛି ଚାଷୀ ଇତିମଧ୍ୟରେ କ୍ୱିଣ୍ଟାଲ ପିଛା ୧୨୦୦/୧୩୦୦ ଟଙ୍କାରେ ଧାନ ବିକ୍ରି କରୁଛନ୍ତି। ନିଜ ଖର୍ଚ୍ଚ ମେଣ୍ଟାଇବାକୁ ଯାଇ ଖୋଲା ବଜାର ଦଲାଲଙ୍କ ହାତରେ ଚାଷୀ ଭାଇମାନେ ଶସ୍ୟ ଟେକି ଦେଉଛନ୍ତି। ଆଉ କିଛି ଚାଷୀ ସରକାରୀ ମୂଲ୍ୟ ନ ହୋଇ କ୍ଷତି ହେଉ ପଛେ ମଣ୍ଡିରେ ଧାନ ବିକିବାକୁ ଅନେଇ ବସିଛନ୍ତି। ଯାହା ଜଣାପଡ଼ିଛି, ମଣ୍ଡିକୁ କେହି ଚାଷୀ ଶସ୍ୟ ନେଇ ଆସବେ ନାହିଁ। କେବଳ କାଗଜକଲମରେ ଧାନ ବିକ୍ରି ହେବ। ଏଭଳି ଅବସ୍ଥା ଜିଲ୍ଲା ତମାମ ମଧ୍ୟ ଦେଖାଯାଉଛି। ଜିଲ୍ଲା ଯୋଗାଣ ଅଧିକାରୀ ଏନେଇ କିଛି ସନ୍ତୋଷଜନକ ଉତ୍ତର ଦେଇପାରୁ ନାହାନ୍ତି। ଯାହାକି ଧାନ କ୍ରୟରେ ସ୍ୱଚ୍ଛତା ଓ ବ୍ୟବସ୍ଥାଗତ ତ୍ରୁଟିକୁ ପଦାରେ ପକାଇଛି।

### ସେମାନଙ୍କ ମତରେ...



ପ୍ରତ୍ୟେକ ବର୍ଷ ଯାହା ଯେମିତି ହେଉ ସରକାରୀ ଭାବେ ରବି ଧାନ ମଣ୍ଡିରେ ବିକ୍ରି ହୁଏ। ଏବେ ସେତକ ବି ହେଉନାହିଁ। ଭୀଷଣ ଅବ୍ୟବସ୍ଥା ଲାଗିରହୁଛି। ରବିବାର ପହିଲି ରଜ ଅତିକ୍ରମ କରିଥିବା ବେଳେ ଏବେ ବାଧ୍ୟତାମୂଳକ ଭାବେ ବେପାରୀଙ୍କୁ ବହୁ କମ୍ ମୂଲ୍ୟରେ ଶସ୍ୟ ବିକ୍ରି କରିବାକୁ ବାଧ ହେଉଛୁ।

ଅନିଲ କୁମାର ଲେଙ୍କା, ଚାଷୀ



ସରକାର ଚାଷୀମାନଙ୍କ ପାଖରୁ ଧାନ କ୍ରୟ କରୁନାହାନ୍ତି। ଖୋଲା ମାର୍କେଟ୍‌ରେ ଦଲାଲଙ୍କ ହାତରେ ଆମ ଭାଗ୍ୟ ରହିଛି। ମଣ୍ଡିରେ କେହି ଧାନ ନେଉନାହାନ୍ତି। କେବଳ ଆଇ ସ୍କାନ୍ କରି ଚତୁରତାର ସହିତ ପ୍ରଶାସନ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରୁଛି। ଚାଷୀମାନେ କେବଳ କ୍ଷତି ସହୁଛନ୍ତି।

ସୁବ୍ରତ ଭାରତୀ, ଚାଷୀ

## ସରମରାରେ ହନୁମାନଙ୍କ ବାର୍ଷିକ ଉତ୍ସବ



ବନ୍ତ/ଆଗରପଡ଼ା,୧୪।୬(ସମିସ): ବନ୍ତ ବ୍ଲକ୍ ସରମରାରେ ହନୁମାନଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶୁକ୍ରବାର ଦିନ ୫ଟା ସମୟରେ ଗ୍ରାମରେ ଥିବା ତାରିଣୀ ମନ୍ଦିର ନିକଟବର୍ତ୍ତୀ ପୁଷ୍କରିଣୀରୁ ଶଶିକାନ୍ତ ଜେନା, ସୁଲୋଚନା ଜେନା, ଛବିନ୍ଦ୍ର ବିଶ୍ୱାଳ, ଭାରତୀ ବିଶ୍ୱାଳ, ସନାତନ ପାତ୍ର, ଚକ୍ରଧର ରାଉତ, ନରେଶ ଜେନା, ପ୍ରିୟବ୍ରତ ରାଉତ, ତପନ ଜେନା, ନିରଞ୍ଜନ ଜେନା, ଗଙ୍ଗାଧର ନାୟକ, ରାଜେଶ ଜେନା, ଜିତେନ୍ଦ୍ର ଜେନା, ଆକାଶ ଜେନା, ଜୟନ୍ତ ପାତ୍ର, ଅର୍ଜୁନ ଜେନା, ଟିକନ ନାୟକ, ଚିନ୍ମୟ ଜେନା, ଅନନ୍ତ ଜେନା ପ୍ରମୁଖ କଳସିଆଙ୍କ ଦ୍ୱାରା କଳସରେ ପାଣି ଆଣାଯିବା ସହିତ ଭକ୍ତିର ପ୍ରତୀକ ହନୁମାନଙ୍କ ବିଧି ଅନୁସାରେ କୃଷ୍ଣଚନ୍ଦ୍ର ପାଢ଼ୀ ଓ ନାରଣ ଚନ୍ଦ୍ର ପାଢ଼ୀଙ୍କ ଦ୍ୱାରା ମହାବୀରଙ୍କ ସମସ୍ତ ପୂଜାର୍ଚ୍ଚନା କରାଯାଇଥିଲା। ଶେଷରେ ଭକ୍ତଙ୍କ ପାଇଁ ପ୍ରସାଦସେବନର ଆୟୋଜନ କରାଯାଇଥିଲା।

## ଶିକ୍ଷକ ଅନାଦି ଚରଣ ଦାସଙ୍କ ପଥପ୍ରାନ୍ତ ଶ୍ରଦ୍ଧାଞ୍ଜଳି ସଭା



ଭଦ୍ରକ,୧୪।୬(ସମିସ): ଆଦର୍ଶ ପ୍ରଧାନଶିକ୍ଷକ ଅନାଦି ଚରଣ ଦାସଙ୍କ ବିୟୋଗରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଭଦ୍ରକର ବରିଷ୍ଠ ସାହିତ୍ୟିକ ହରମୋହନ କୁଅଁରଙ୍କ ଅଧ୍ୟକ୍ଷତାରେ ଏକ ପଥପ୍ରାନ୍ତ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତଃ ଦାସଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ, ତାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଓ ଧୂପଦୀପ ପ୍ରଦାନ କରାଯାଇଥିଲା। ସକାଳ ୭ଟାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସର୍ବଶ୍ରୀ କରୁଣାକର ଉପାଧ୍ୟାୟ, ଅକ୍ଷୟ କୁମାର ହୋତା, ଅଜିତ୍ ନାୟକ, ଅଜିତ୍ ଦାସ, ମୁକ୍ତିକାନ୍ତ ମହାପାତ୍ର, ପ୍ରଦୀପ୍ତ ଦାସ, ପୂର୍ଣ୍ଣ ଚନ୍ଦ୍ର ସାହୁ, ଶ୍ରୀଧର ଦାସ, ଅଧ୍ୟାପିକା ଉଷାରାଣୀ ଜେନା, ରମେଶ ଚନ୍ଦ୍ର ଦାସ, ଜିତେନ୍ଦ୍ର ମହାପାତ୍ର, ଯୁଧିଷ୍ଠିର ନାୟକ, ଆଦିତ୍ୟ ଗୋସ୍ୱାମୀ, ମଦନମୋହନ ନାୟକ, ଅରୁଣ କୁମାର ମିଶ୍ର, ଅରୂପାନନ୍ଦ ନାୟକ, ଶମ୍ଭୁନାଥ ପାଣିଗ୍ରାହୀ, ବାବୁଲା ରାଉତ, ରବୀନ୍ଦ୍ର ମହାରଣା, ରୂପକ ବିହାରୀ ରାୟ, ପ୍ରଫେସର ଅଟଳ ବିହାରୀ ନାୟକ, ଭୀମସେନ ପରିଡ଼ା, ଦୀନେଶ ନାୟକ, ନିରଞ୍ଜନ ବିଶ୍ୱାଳ, ବୀର ନାରାୟଣ ଦାସ, ମାନସ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ବୃଦ୍ଧାଶ୍ରମରେ ଫଳ, ବିସ୍କୁଟ ଓ ଜଳ ବଣ୍ଟନ





ଧାମନଗର,୧୪।୬(ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ୧୦ ନମ୍ବର ୱାର୍ଡ ଅଧୀନ ଦକ୍ଷିଣବାଡ଼ ଗ୍ରାମ ନିକଟସ୍ଥ ଜିଲ୍ଲା ଜରାନିବାସ ପରିସରରେ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ଓ ଅନ୍ତେବାସୀମାନେ ଆଶ୍ରୟ ନେଇ ରହୁଛନ୍ତି। ଓଡ଼ିଶାର ଗଣପର୍ବ ତଥା ଐତିହ୍ୟବାହୀ ସାଂସ୍କୃତିକ ମହୋତ୍ସବ "ରଜ' ଉପଲକ୍ଷେ ରବିବାର ଦିନ ୧୦ଟାରେ ଏଚ୍‌ଏଚ୍ ଚାରିଟେବୁଲ ଟ୍ରଷ୍ଟ ତରଫରୁ ତଥା ଅବସରପ୍ରାପ୍ତ ଶିକ୍ଷକ, ସମାଜସେବୀ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ପ୍ରତିଭା ସେକ୍ ଅବ୍‌ଦୁଲ୍ ହାକିମ(ଗୋରା ସାର)ଙ୍କ ତତ୍ତ୍ୱାବଧାନରେ ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀଙ୍କୁ ଫଳ, ବିସ୍କୁଟ ଓ ପାଣି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବରିଷ୍ଠ ନାଗରିକ ପରିଷଦ ସଭାପତି ଅନିଲ ବାରିକଙ୍କ ସଞ୍ଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ସାଧାରଣ ସମ୍ପାଦକ ଶଚିକାନ୍ତ ପଣ୍ଡା, କୋଷାଧ୍ୟକ୍ଷ ନୃସିଂହ ନାୟକ, ସଦସ୍ୟ ଗୋଲାମ ଜିଲାନି ହବିବି, ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ, ମନୋଜ ସିଂହ, ବିଶିଷ୍ଟ ସମାଜସେବୀ ଏମ୍‌ଡି ଫଜଲେ ବାରି, ଏମ୍‌ଡି ତାଜୁଦ୍ଦିନ, ସାମ୍ବାଦିକ ସେକ୍ ଜାଫର ଅଲ୍ଲୀ, ରଞ୍ଜିତ ଯେନା, ପ୍ରଭାକର ବାରିକ, ଅଜିତ୍ ରାଉଳ, ଫିରୋଜ ଶାହା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଜୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା ଏବଂ ଶୁଭେଚ୍ଛୁ ସତ୍ୟରଞ୍ଜନ ପ୍ରଧାନ, ସେକ୍ ମାମା, ମୀର୍ ଆଜାଦ, ରମେଶ ଚନ୍ଦ୍ର ଯେନା, ସେକ୍ ରମଜାନି ଓ ଅନ୍ୟ ବନ୍ଧୁମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମାଜର ଗରିବ ଲୋକମାନଙ୍କ ମୁହଁରେ ହସ ଫୁଟାଇବାର ଏହା ଏକ ନିଆରା ପ୍ରୟାସ। ଏଭଳି କାର୍ଯ୍ୟକ୍ରମକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଶେଷରେ ବରିଷ୍ଠ ସାମ୍ବାଦିକ କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଶାରଦା ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ



ଭଣ୍ଡାରିପୋଖରୀ,୧୪।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶାରଦା ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଶାରଦା ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶାରଦା ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ର ଏହି ବୈଠକକୁ ପରିଚାଳନା କରିଥିଲେ ଏବଂ ପରିଚାଳନା କମିଟିର ସଭାପତି ଚକ୍ରଧର ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ବିଦ୍ୟାମନ୍ଦିରର ପୂର୍ବତନ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଏହି ବୈଠକରେ ପରିଚାଳନା କମିଟିର ସଭ୍ୟ ତାରାକାନ୍ତ ରାଉତ, ଅନ୍ୟତମ ସଭ୍ୟ ତଥା ବରିଷ୍ଠ ଶିକ୍ଷକ ନିର୍ମଳ କୁମାର ସେନାପତି, ଶିଶୁ ସାହିତ୍ୟିକ ପବନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱମ୍ଭର ନାଥ, କୁମାର ନାୟକ, ବରିଷ୍ଠ ଗୁରୁଜୀ ନିତ୍ୟାନନ୍ଦ ସେନାପତି, କେଶବ ଚନ୍ଦ୍ର ସେଠୀ, ପ୍ରକାଶ ସାହୁ, ଗଙ୍ଗାଧର ପଲତା, ଅଜୟ ରାଉତ ଅତିଥି ରୂପେ ଯୋଗଦେଇଥିଲେ। ୨୦୧୩ରୁ ୨୦୨୬ ମସିହା ପର୍ଯ୍ୟନ୍ତ ମାଟ୍ରିକ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ଆଲୁମ୍‌ନି କମିଟି ରୌପ୍ୟ ଜୟନ୍ତୀ ପାଳନ କରିବାର ଦାୟିତ୍ୱ ନେବ ବୋଲି ବୈଠକରେ ସ୍ଥିରୀକୃତ ହୋଇଛି। ସୂଚନାଯୋଗ୍ୟ, ୨୦୦୨ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଆସନ୍ତା ୨୦୨୭ରେ ରୌପ୍ୟ ଜୟନ୍ତୀ ପାଳନ କରିବାକୁ ଯାଉଛି। ୨୦୨୭ ଏପ୍ରିଲ୍ ମାସରେ ତିନିଦିନ ବ୍ୟାପୀ ଏହି ଉତ୍ସବ ପାଳନ କରାଯିବ ବୋଲି ବୈଠକରେ ସ୍ଥିରୀକୃତ ହୋଇଛି। ପୂର୍ବତନ ଛାତ୍ର ସୌମ୍ୟରଞ୍ଜନ ଦାସ, ରାମଚନ୍ଦ୍ର ନାୟକ, ଶ୍ରୀନାଥ ଶୀତିକଣ୍ଠ, ଜୟକୃଷ୍ଣ ଦାସ, ରାଜେଶ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶତାଧିକ ପୂର୍ବତନ ଛାତ୍ରଛାତ୍ରୀ ଏହି ବୈଠକରେ ଯୋଗଦେଇ ରୌପ୍ୟ ଜୟନ୍ତୀକୁ ସଫଳ କରିବେ ବୋଲି ପ୍ରତିଜ୍ଞା କରିଥିଲେ। ଅସୀମା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା' ଅର୍ପିତା ନାୟକ ଓ ବନ୍ୟା ପଣ୍ଡା ଉତ୍ସବ ପରିଚାଳନାରେ ସହାୟତା କରିଥିଲେ।

## ଅନୁଷ୍ଠାନ ପ୍ରେମୀ ସୁର ବାବାଙ୍କ ଦେହାନ୍ତ



ବନ୍ତ/ଆଗରପଡ଼ା,୧୪।୬(ସମିସ): ବନ୍ତ ବ୍ଲକ୍ ରାମକୃଷ୍ଣପୁର ପଞ୍ଚାୟତ ଅଞ୍ଚଳର ଅନୁଷ୍ଠାନ ପ୍ରେମୀ ସୁରେଶ ବେହେରାଙ୍କର ୭୧ ବର୍ଷ ବୟସରେ ଦେହାନ୍ତ ଘଟିଛି। ସ୍ଥାନୀୟ ଅଞ୍ଚଳରେ ସୁର ବାବା ନାମରେ ସେ ସୁପରିଚିତ ଥିଲେ। ହସ ହସ ମୁଖ, ମେଳାପି, ମିଷ୍ଟଭାଷୀ ଓ ବିଭିନ୍ନ ଅନୁଷ୍ଠାନର ମୁଖ୍ୟ କର୍ଣ୍ଣଧାର ଥିଲେ। ସେ ମଧୁମେହ ଓ ରକ୍ତଚାପ ରୋଗରେ ଆକ୍ରାନ୍ତ ହୋଇ ପ୍ରାୟ ୧ମାସ ହେବ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ଇହଧାମ ତ୍ୟାଗ କରିଛନ୍ତି। ମୃତ୍ୟୁ ଖବର ପ୍ରସାରିତ ହେବା ପରେ ରାମକୃଷ୍ଣପୁର ପଞ୍ଚାୟତ ସମେତ ପାଖଆଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ତାଙ୍କ ପାର୍ଥିବ ଶରୀରକୁ ଗ୍ରାମକୁ ଅଣାଯାଇଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ପରେ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ଗ୍ରାମ ବଜାର ପରିକ୍ରମା ପରେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ପୁତ୍ର ଅଲେଖ ବେହେରା ମୁଖାଗ୍ନି ଦେଇଥିଲେ। ଆନନ୍ଦବଜାର, ଆଖଣ୍ଡଳମଣି ପୀଠ ମନ୍ଦିର ନିର୍ମାଣ ସମେତ ୧୯ ବର୍ଷ ଧରି ରାମଚରିତ ପାରାୟଣ, ପ୍ରବଚନ କାର୍ଯ୍ୟକ୍ରମରେ ମୁଖ୍ୟ ପୁରୋଧା ଥିଲେ ସୁର ବାବା।

## ସରପଞ୍ଚଙ୍କ ଶାଶୂଙ୍କ ବିୟୋଗ



ତିହିଡ଼ି,୧୪।୬(ସମିସ): ତିହିଡ଼ି ବ୍ଲକ୍ ତାଳପଦା ପଞ୍ଚାୟତର ସରପଞ୍ଚ ଜୟଶ୍ରୀ ବେହେରାଙ୍କ ଶାଶୂ ତଥା ସମାଜସେବୀ ଚନ୍ଦ୍ରଶେଖର ବେହେରା(ସିକିରା)ଙ୍କ ମାଆ ମଇନା ଦେବୀଙ୍କ ଶନିବାର ଅପରାହ୍ଣରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡ଼ ବୋହୂ ସରପଞ୍ଚ ଶ୍ରୀମତୀ ବେହେରା, ସାନବୋହୂ ଅଞ୍ଜନା ବେହେରା, ସାନ ପୁଅ ଦିଲ୍ଲୀପ ବେହେରା, ନାତି ସତ୍ୟରଞ୍ଜନ, ମନୋରଞ୍ଜନ, ସ୍ମୃତିରଞ୍ଜନ, ସୌମ୍ୟରଞ୍ଜନ ପ୍ରମୁଖ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ, ଡ. ସଞ୍ଜୟ ଦାସ, ହୃଦାନନ୍ଦ ପୁହାଣ, ବାସନ୍ତୀ ଜେନା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ବାସଭବନ ପରିସରରେ ଶେଷକର୍ମ କରାଯାଇଥିଲା ଓ ବଡ଼ ପୁଅ ଚନ୍ଦ୍ରଶେଖର ମୁଖାଗ୍ନି ଦେଇଥିଲେ।

## କମୁନି ନିଶା ବେପାରୀଙ୍କ ସଂଖ୍ୟା

ଦୋଲସାହି,୧୪।୬(ସମିସ): ତିହିଡ଼ି ଥାନା ଓ ଅବକାରୀ ବିଭାଗ ଅଧୀନରେ ସରକାର ବେଆଇନ ନିଶା କାରବାର କରୁଥିବା ବେପାରୀଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାଗଜକଲମରେ ସୀମିତ ରଖିଥିବାବେଳେ ଏହି ବେଆଇନ ନିଶା କାରବାର ବୃଦ୍ଧି ପାଉଥିବାରୁ ପରିବାରରୁ ଆରମ୍ଭ କରି ଜନବସତିରେ ଏହି ବେଆଇନ ଦିଶା ବେପାରୀ ଅଶାନ୍ତି ସୃଷ୍ଟି କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତିହିଡ଼ି ଥାନା ଓ ଅବକାରୀ ବିଭାଗ ଅଧୀନରେ ବିଭିନ୍ନ ସ୍ଥାନରେ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ବିଭିନ୍ନ ଧରଣର ନିଶା କାରବାର ହେଉଥିବା ନେଇ ବିଭିନ୍ନ ସମୟରେ ଚୋରି ଓ ରାହାଜାନୀ ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହି ଥାନା ଓ ଅବକାରୀ ବିଭାଗ ଅଧୀନରେ ବିଭିନ୍ନ ପଞ୍ଚାୟତରେ ବେଆଇନ ଦେଶୀ ମଦ କାରବାର ଓ ମାରାତ୍ମକ ନିଶା ବ୍ରାଉନ୍‌ସୁଗର କାରବାର ଦିନକୁ ଦିନ ବୃଦ୍ଧି ପାଉଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲାବେଳେ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବିନା ନମ୍ବର ପ୍ଲେଟ୍‌ରେ ଗଡୁଛି ଶହ ଶହ ଟ୍ରାକ୍ଟର

ବନ୍ତ/ଆଗରପଡ଼ା,୧୪।୬(ସମିସ): ପରିବହନ ନିୟମ ଅନୁଯାୟୀ, ଗାଡ଼ିଗୁଡ଼ିକର ଫିଟ୍‌ନେସ୍, ଇନ୍‌ସ୍ୟୁରାନ୍ସ, ପଲ୍ୟୁସନ ଏବଂ ନମ୍ବର ପ୍ଲେଟ୍ ଠିକ୍ ଥିଲେ ଗାଡ଼ିଗୁଡ଼ିକ ରାସ୍ତାରେ ଚାଲିବା ନିୟମ ରହିଛି। ଏହି ନିୟମ ଭିତରେ ଗାଡ଼ିଗୁଡ଼ିକ ଚାଲୁଛି କି ନାହିଁ ତା'ର ତଦାରଖ କରିବାର ଦାୟିତ୍ୱ ପରିବହନ ବିଭାଗର ରହିଛି। କାରଣ ଗାଡ଼ିଗୁଡ଼ିକ ଏହି ସବୁ ନିୟମ ଭିତରେ ରହି ରାସ୍ତାରେ ଚାଲୁଥିବା ସମୟରେ କୌଣସି ଦୁର୍ଘଟଣା ଘଟିଲେ ଉଭୟ ଗାଡ଼ି ମାଲିକ ଓ କ୍ଷତିଗ୍ରସ୍ତ ବ୍ୟକ୍ତି ଇନ୍‌ସ୍ୟୁରାନ୍ସ କମ୍ପାନୀ ଦ୍ୱାରା କ୍ଷତିପୂରଣ ପାଇବା ପାଇଁ ହକ୍‌ଦାର ହୋଇଥା'ନ୍ତି। ମାତ୍ର ଏହି ନିୟମକୁ ଉଲ୍ଲଂଘନ କରି ଗାଁଠାରୁ ବଜାରମାନଙ୍କରେ ଅନେକ ଗାଡ଼ି ଚାଲୁଥିଲେ ମଧ୍ୟ ପରିବହନ ବିଭାଗ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ



ପ୍ରକାଶ ପାଉଛି। ସୂଚନା ଅନୁଯାୟୀ, ବନ୍ତ ବ୍ଲକ୍ ଆଗରପଡ଼ା ୩ଟି ଜିଲ୍ଲା କେନ୍ଦୁଝର,

### ରାଜସ୍ୱ ହରାଉଛନ୍ତି ସରକାର

ବାଲେଶ୍ୱର ଓ ଭଦ୍ରକର ମଧ୍ୟ ଭାଗରେ ରହିଥିବାବେଳେ ଏହି ତିନି ଜିଲ୍ଲାର ବହୁ ବ୍ଲକ୍ ବ୍ୟବସାୟ ପାଇଁ ଆଗରପଡ଼ା ବଜାର ଉପରେ ନିର୍ଭର କରିଥା'ନ୍ତି। ତେଣୁ ଉକ୍ତ ଅଞ୍ଚଳରେ ଶହଶହ ଟ୍ରାକ୍ଟର ଗଡୁଥିବାବେଳେ ସେଥିମଧ୍ୟରୁ ୯୦ ଭାଗ ଟ୍ରାକ୍ଟର ଇଞ୍ଜିନଗୁଡ଼ିକର ଇନ୍‌ସ୍ୟୁରାନ୍ସ ନ ଥିବାବେଳେ ଡାଲାଗୁଡ଼ିକର ମଧ୍ୟ ଫିଟ୍‌ନେସ୍ ଓ ଇନ୍‌ସ୍ୟୁରାନ୍ସ ନ ଥିବା ଜଣାପଡ଼ିଛି। ତତ୍‌ସହିତ ବୟସ ନ ହୋଇ ମଧ୍ୟ ସେସବୁକୁ ବିନା ଡ୍ରାଇଭିଂ ଲାଇସେନ୍ସରେ ଚାଳକ ଚଳାଉଥିବା ଦେଖିବାକୁ ମିଳୁଛି। ବିନା କାଗଜପତ୍ରରେ ବେଧଡ଼କ ଭାବେ ରାସ୍ତା ଉପରେ ଚାଲୁଥିବାବେଳେ ପରିବହନ ବିଭାଗ କିମ୍ବା ପୁଲିସ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଏହା ବିଭାଗର କାର୍ଯ୍ୟପନ୍ଥା ଓ ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏଥି ସହିତ ବିଭାଗର ଏପରି କାର୍ଯ୍ୟ ଯୋଗୁଁ ସରକାର ରାଜସ୍ୱ ହରାଉଛନ୍ତି। ତେଣୁ ଏଥିପ୍ରତି ଜିଲ୍ଲା ପରିବହନ ବିଭାଗ ଓ ସ୍ଥାନୀୟ ପୁଲିସ ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

## ବାହାବଳପୁର ଷ୍ଟେସନ କମିଟି ପକ୍ଷରୁ ସାଧାରଣ ସଭା

ଯାଜପୁର,୧୪।୬(ସମିସ): ଯାଜପୁର ରୋଡ୍ - ଧାମରା ରେଳପଥ ସଂଗ୍ରାମ ସମିତି ଆହ୍ୱାନରେ ବାହାବଳପୁର ଷ୍ଟେସନ କମିଟିର ଏକ ସାଧାରଣ ସଭା ନାଥସାହି ଗ୍ରାମ ପଞ୍ଚାୟତ ପରିସରରେ ସରପଞ୍ଚ ସସ୍ମିତା ପହିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସ ଯୋଗ ଦେଇଥିଲେ। ଷ୍ଟେସନ କମିଟିର ପ୍ରେରଣାର ଉତ୍ସ ଲଳିତ ମୋହନ ରାୟ, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ବିହାରୀ, ପୂର୍ବତନ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ କୁଳମଣି ବେହେରା, ବ୍ରଜକିଶୋର ପରିଡ଼ା, କୈଳାସ ଚନ୍ଦ୍ର ପହି, ଶିକ୍ଷାବିତ୍ ସମାଜସେବୀ ସୁରେନ୍ଦ୍ର କୁମାର ରାୟ, ଗଣେଶ ପ୍ରସାଦ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟଅତିଥି ସନ୍ତୋଷ ଦାସ ତାଙ୍କ ଉଦ୍‌ବୋଧନରେ ସଂଗ୍ରାମ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟର କାର୍ଯ୍ୟସୂଚୀ ଓ କେନ୍ଦ୍ର ମନ୍ତ୍ରୀ, ସାଂସଦ ସମେତ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି ବିଶେଷଙ୍କ ବିଭିନ୍ନ ସାହାଯ୍ୟ ଓ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ବ୍ୟତୀତ ରେଳବାଇ ବୋର୍ଡର ବିଭିନ୍ନ ପଦାଧିକାରୀଙ୍କ ସହଯୋଗ ପାଇଁ ଏହା କିପରି ସହଜ ସାଧ୍ୟ ହୋଇପାରିଲା ତାହା ଉଲ୍ଲେଖ କରିଥିଲେ। ସଂଗ୍ରାମ ସମିତି ଆଗାମୀ ଦିନରେ ଜମି ଅଧିଗ୍ରହଣ, କ୍ଷତିପୂରଣ ପ୍ରଦାନ ଆଦିରେ ଯେପରି କୌଣସି ଅସୁବିଧା ନହେବ ସେଥିପ୍ରତି ସଂଗ୍ରାମ ସମିତି ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟ କରିବା ସହିତ ଏଥିରେ ସଂଶ୍ଳିଷ୍ଟ ଥିବା ସମସ୍ତ ଷ୍ଟେସନ କମିଟିର ସଭ୍ୟମାନଙ୍କ ଅକୁଣ୍ଠ ସାହାଯ୍ୟ ପାଇଁ ନିବେଦନ କରିଥିଲେ।

## ମୁକ୍ତେଶ୍ୱର ଉଚ୍ଚ ବିଦ୍ୟାଳୟରେ ଗୁରୁ ପୂଜନ ଓ ବନ୍ଧୁ ମିଳନ

ଦୋବଲ,୧୪।୬(ସମିସ): ଦୋବଲ ଜୋନ୍ ଅନ୍ତର୍ଗତ ପଧାନୀ ପଞ୍ଚାୟତସ୍ଥିତ ମୁକ୍ତେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ



୧୯୯୬ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ବନ୍ଧୁ ମିଳନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂଜ୍ୟଗୁରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପର୍ଶୁରାମ ପଣ୍ଡା, ଅରୁଣ ସାମଲ, ଚକ୍ରଧର ସାହୁ, ଉମେଶ ଚନ୍ଦ୍ର ପଣ୍ଡା, ଦଶରଥ କୁଅଁର ଏବଂ ବିଦ୍ୟାଳୟର ଶିକ୍ଷକ କୃଷ୍ଣଚନ୍ଦ୍ର ଦାସ, ସୁଦର୍ଶନ ସାହୁ ଓ ବର୍ତ୍ତମାନର ପ୍ରଧାନଶିକ୍ଷକ ସୁଧୀର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ରଛାତ୍ରୀ ସମସ୍ତ ଗୁରୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପୁରାତନ ଛାତ୍ର ଆଶିଷ କୁମାର ରାଉତ ଓ ଛାତ୍ରୀ କନକଲତା ରାଉତଙ୍କ ପ୍ରତ୍ୟକ୍ଷ ସଞ୍ଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ମୁକ୍ତେଶ୍ୱର ମହାଳିକ, ବିଦ୍ୟାଧର ପୁହାଣ, ସନ୍ତୋଷ ସାହୁ, ସନ୍ତୋଷ ନାୟକ, ଶ୍ରୀଧର ଦାସ, ନଟବର ଜେନା, ଟୁଲୁ ଜେନା, ଶ୍ରୀଧର ସାହୁ, ନିରୁପମା ମହାଳିକ, କେଦାର ମଲ୍ଲିକ, ନିହାରିକା ରାଉତ, ରତ୍ନମଞ୍ଜରୀ ପୁହାଣ, ପ୍ରିୟତମା ପୁହାଣ, ରାଜାରାଣୀ ମହାଳିକ, ଅନୁସୟା ମହାଳିକ, ରଶ୍ମିପ୍ରଭା ମହାଳିକ, କାମିନୀ ସାହୁ ଓ ସୁକାନ୍ତି ବରାଳ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ସାରସ୍ୱତ ସମାରୋହ, ପୁସ୍ତକ ଉନ୍ମୋଚନ ଓ ପ୍ରତିଭା ସମ୍ବର୍ଦ୍ଧନା

ଭଦ୍ରକ,୧୪।୬(ସମିସ):

ଅନୁବାଦ ସାହିତ୍ୟରେ ବିଶ୍ୱ ଓ ଭାରତୀୟ ସାହିତ୍ୟକୁ ପାଠକଙ୍କ ନିକଟରେ ପହଞ୍ଚାଇବା ପାଇଁ ସାମର୍ଥ୍ୟ ରଖେ। ପାଠକ ମୂଳ ଭାଷା ପଢ଼ି ବୁଝିବା କଷ୍ଟସାଧ୍ୟ। ତେଣୁ ଅନୁବାଦ ସାହିତ୍ୟ ନିଜ ମାତୃଭାଷାରେ ବୁଝିବା ପାଇଁ ସହାୟକ ହୋଇଥାଏ ବୋଲି କୀର୍ତ୍ତନ ବିହାରୀ ଲକ୍ଷ୍ମୀଦେବୀ ମେମୋରିଆଲ୍ ଟ୍ରଷ୍ଟ ନସିରପୁର, ଷଢ଼ଙ୍ଗ ପକ୍ଷରୁ ଭଦ୍ରକ ବାଗୁରାଇସ୍ଥିତ ଦୁର୍ଗା କଲ୍ୟାଣ ମଣ୍ଡପଠାରେ ଆୟୋଜିତ ୫ମ ବାର୍ଷିକ ରାଜ୍ୟସ୍ତରୀୟ ସାମ୍ବତ୍ସରିକ ସମାରୋହ, ପୁସ୍ତକ ଉନ୍ମୋଚନ, ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ପର୍ବରେ ଯୋଗଦେଇ ବିଶିଷ୍ଟ ଲେଖିକା ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା କହିଛନ୍ତି। ମୁଖ୍ୟବକ୍ତା ଭାବେ କବି ଡ. ବଳରାମ ମିଶ୍ର କହିଲେ, ଅନୁଷ୍ଠାନ ବ୍ୟକ୍ତି ପାଇଁ ବିଶେଷ ଜରୁରୀ। ବ୍ୟକ୍ତିର



ନିର୍ଜନ ଅନୁଭୂତି ହୁଏ ତ ଗୋଷ୍ଠୀ ଜୀବନ ଉପରେ ପ୍ରଭାବ ପକାଇପାରେ। ତେଣୁ ଆମ ପରମ୍ପରା ଆଶାବାଦ, ସମ୍ପର୍କ ଓ ସୌନ୍ଦର୍ଯ୍ୟ ନେଇ ଗଢ଼ା, ଯାହା ବର୍ତ୍ତମାନ ଓ ଭବିଷ୍ୟତ ବଂଶଧରମାନଙ୍କ ଚେତନାର ନବନିର୍ମାଣ କରିପାରିବ। ଅନ୍ୟତମ ଅତିଥି ଔପନାସିକ ପ୍ରିୟବ୍ରତ ପାତ୍ର, ଗାଳ୍ପିକ ଲକ୍ଷ୍ମୀପ୍ରିୟା ଓଝା, ଲେଖିକା ଲୋପାମୁଦ୍ରା ମୈକାପ, ସ୍ତମ୍ଭକାର ପ୍ରାଧ୍ୟାପକ ଉମାକାନ୍ତ ଖଣ୍ଡେଇ, ଲେଖକ ସୁକୋମଳ ଦାଶ, କନକ ମଞ୍ଜରୀ ସାହୁ, ସବିତା ବାରିକ ରାଉତ ପ୍ରମୁଖ ଯୋଗଦେଇଥିଲେ। ସଭାକୁ ମ୍ୟାନେଜିଂ ଟ୍ରଷ୍ଟି ପ୍ରଫେସର ଡ. ନାରାୟଣ ସେନାପତି ପୌରୋହିତ୍ୟ କରିଥିଲେ।

ଏହି ଅବସରରେ ଭ୍ରମଣ କାହାଣୀ 'କାମ୍ବୋଡ଼ିଆରୁ ଲିକ୍‌ଷ୍ଟେନ୍‌ଷ୍ଟାଇନ୍ ଯାଏ', ସ୍ତମ୍ଭ ଆଲେଖ ସଂକଳନ 'ବିମର୍ଷ ବିଚାର', ଅନୁଦିତ ଗଳ୍ପ ସଂକଳନ 'ମୋପାସାଁରୁ ଭଲ୍‌ଗା ଯାଏ'କୁ ଅତିଥିମାନେ ଉନ୍ମୋଚନ କରିଥିବାବେଳେ ଅଧ୍ୟାପିକା ଡ. ମମତା ସାହୁ, ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାଶ, ଅନୁବାଦକ ଲଳିତ ମୋହନ ମିଶ୍ର ପୁସ୍ତକକୁ ସମୀକ୍ଷା କରିଥିଲେ। ସାମଗ୍ରିକ ସାଧନା ପାଇଁ କବି ଚତୁର୍ଭୂଜ ପହି, ସାମଗ୍ରିକ କୃତିତ୍ୱ ପାଇଁ ଗଣେଶ ପ୍ରସାଦ କରଶର୍ମା, ଆଦର୍ଶ ଶିକ୍ଷକ ଖଗେଶ୍ୱର ପଣ୍ଡାଙ୍କୁ ସ୍ୱର୍ଗତ ଡ. ଭୀମସେନ ପୃଷ୍ଟି ସମ୍ମାନ, ପ୍ରଖ୍ୟାତ୍ ଯାତ୍ରା ଅଭିନେତା ଦେବେନ୍ଦ୍ର ମିଶ୍ର, ଅଭିନେତ୍ରୀ ସଂଯୁକ୍ତା କର, ଭ୍ରମଣରେ ଡ. ବିବେକାନନ୍ଦ ପାଣିଗ୍ରାହୀ, ସ୍ତମ୍ଭାଲେଖରେ ପ୍ରଣତି ଆଚାର୍ଯ୍ୟ ମିଶ୍ରଙ୍କୁ ପ୍ରତିଭା ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ କବି ଚିନ୍ତାମଣି ମହାଳିକ, ଡ. ଅଶୋକ ପୁହାଣଙ୍କ ମଞ୍ଚ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ଅବନି ପ୍ରଧାନ, ହୃଦାନନ୍ଦ ପାଣିଗ୍ରାହୀ, ଉମାକାନ୍ତ ବେହେରା, ଅକ୍ଷୟ ଜେନା, ପ୍ରଫୁଲ୍ଲ ଚକ୍ର, ସାରଥୀ ପଣ୍ଡା, ପିନାକୀ ମିଶ୍ର, ଡ. ସୁନିତା ରଥ ପ୍ରମୁଖ କବିତାପାଠ କରିଥିଲେ।

## ପ୍ରଥମ ରଜ କ୍ରିକେଟ୍ ଲିଗ୍: ଆଖଣ୍ଡଳମଣି ବିଜୟୀ



ଭଦ୍ରକ,୧୪।୬(ସମିସ): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ରବିବାର ଜଗନ୍ନାଥପୁର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଜିଲ୍ଲାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଛି ରଜ କ୍ରିକେଟ୍ ଲିଗ୍। ପ୍ରଥମ ସଂସ୍କରଣରେ ମୋଟ୍ ୩ଟି ଦଳ ଯଥାକ୍ରମେ ଆଖଣ୍ଡଳମଣି, ଭଦ୍ରକାଳୀ ଏବଂ ଧାମରାଇ ଦଳ ଅଂଶ ଗ୍ରହଣ କରିଥିଲା। ଉଦ୍‌ଘାଟନୀ ମ୍ୟାଚ୍‌ରେ ଟିମ୍ ଆଖଣ୍ଡଳମଣି ପ୍ରଥମେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲାବେଳେ ଭଦ୍ରକାଳୀ ଦଳ ବ୍ୟାଟିଂର ଆମନ୍ତ୍ରଣ ପାଇ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୬୬ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଅଧିନାୟକ ଅଂଶୁମାନ ମହାନ୍ତି ସର୍ବାଧିକ ୪୧ ରନ୍ କରିଥିଲାବେଳେ ଚିରଞ୍ଜିବ ବେହେରା ୩୬ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ରଞ୍ଜିତ ସାହୁ ଏବଂ ମହମ୍ମଦ ସର୍ଫରାଜ ଆଲମ୍ ହୁସେନ୍ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ଆଖଣ୍ଡଳମଣି ଦଳ ଟାର୍ଗେଟ୍‌କୁ ପିଛା କରି ୧୬.୨ ଓଭର୍‌ରେ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବସନ୍ତ ମହାଳିକ ଅପରାଜିତ ୧୦୦ ରନ୍ ସଂଗ୍ରହ କରିଥିଲାବେଳେ ଦେବରାଜ ବାରିକ ୨୮ ରନ୍ ସଂଗ୍ରହ କରିଥିଲେ। ଏହି କ୍ରିକେଟ ଲିଗ୍‌ରେ ମୁଖ୍ୟ ଅତିଥି ଭାବେ ରମେଶ ମହାନ୍ତି ଓ ସମ୍ମାନିତ ଅତିଥି ଗୋଲକ ନାୟକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ତାଙ୍କ ମନୋବଳ ଦୃଢ଼ କରିଥିଲେ। ମ୍ୟାଚ୍‌କୁ ଅସିତ୍ ଦାସ ଏବଂ ଅସିତ୍ ଦାସ୍ ପରିଚାଳନା କରିଥିଲାବେଳେ ଡିଜିଟାଲ ସ୍କୋରର୍ ଭାବେ କିରନ୍ ମନୋହର ଦାୟିତ୍ୱ ତୁଲାଇ ଥିଲେ। ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ମାନସ ମହାଳିକ ବିବେଚିତ ହୋଇଥିଲେ।

## ଆଦିବାସୀ ସାହିରେ ନିଆରା ରଜ ଉତ୍ସବ



ବାରିକପୁର,୧୪।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ସରସଦା ପଞ୍ଚାୟତ କୋଳିପଦୀ ଆଦିବାସୀ ସାହିରେ ନେଇସୋଚ ସାମାଜିକ ସଂଗଠନ ପକ୍ଷରୁ ନିଆରା ଭାବେ ରଜ ଉତ୍ସବ ପାଳିତ ହୋଇଛି। ସଂଗଠନର ବରିଷ୍ଠ ସଦସ୍ୟ ଆର୍. ରାହୁଲଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ, ସମାଜସେବୀ ଉତ୍କଳ କେଶରୀ ବିଶ୍ୱାଳ, ସରପଞ୍ଚ ରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ ପ୍ରାୟ ଦଶରୁ ଅଧିକ ଆଦିବାସୀ ପରିବାରକୁ ଅତିଥିମାନେ ମିଷ୍ଟାନ୍ନ, ମିଠା ପାନ, ଆମ୍ବ ଓ ପଣସ ଆଦି ବଣ୍ଟନ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁବ ନେତା ସୌମ୍ୟରଞ୍ଜନ ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଜ୍ୟୋତିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଚନ୍ଦ୍ରକାନ୍ତ ଜେନା, ସନ୍ତୋଷ ବେହେରା, ପବିତ୍ର ଜେନା, ପ୍ରକାଶ ବାରିକ, ବଳରାମ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଗାଁ ତୋଟାରେ ରଜ ଦୋଳି ବିରଳ

ବାରିକପୁର,୧୪।୬(ସମିସ): ରବିବାରଓଡ଼ିଶାରକୋଣଅନୁକୋଣରେକୃଷିଭିତ୍ତିକରଜ ପର୍ବପାଳନ ହୋଇଛି। ସ୍ଥଳ ବିଶେଷରେ ଏହି ପର୍ବ ୩ ଓ ୫ ଦିନ ପାଳନ କରାଯାଇଥାଏ। ଗାଁଠୁ ସହର ସବୁଠି ଉତ୍ସବର ମାହୋଲ ବାରିହୋଇ ପଡୁଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ରବିବାରଠାରୁ ତିନି ଦିନ ଯାଏଁ ରଜ ଉତ୍ସବ ଶୁଭାରମ୍ଭ ହୋଇଛି। ଉତ୍ସବରେ ପରମ୍ପରା ଅନୁଯାୟୀ, ପ୍ରତ୍ୟେକ ପରିବାରରେ ନୂତନ ବସ୍ତ୍ର ପରିଧାନ କରିବା ସହିତ ପିଠାପଣାର ଆଶର ଜମିଥାଏ। ଏହାଛଡ଼ା ଖିଲିପାନ ଓ ଗାଁ ତୋଟାରେ ପଟା ଦୋଳି ଏବଂ ବାଗୁଡ଼ି ଖେଳ ଉତ୍ସବର ମୁଖ୍ୟ ଆକର୍ଷଣ ପାଲଟିଥାଏ।



ଧୀରେଧୀରେ ସବୁ ଉତ୍ସବ ଭଳି ରଜ ପର୍ବର ପାରମ୍ପରିକ ରୀତିନୀତି କ୍ରମଶଃ ହ୍ରାସ ପାଉଥିବା ଦେଖିବାକୁ ମିଳିଛି। ଆଗଭଳି ଆଉ ଗାଁ ଗାଁରେ ପଟା ଦୋଳି ଓ ବାଗୁଡ଼ି ଖେଳ ଅନୁଷ୍ଠିତ ହେଉନାହିଁ। ଗାଁ ଗହଳିରେ ରଜଦୋଳି ବିରଳ ପାଲଟିଛି। ହାତଗଣତି କେତୋଟି ଜାଗାରେ ଦୋଳି ଲାଗିଥିବା ଦେଖିବାକୁ ମିଳିଛି। ସମ୍ପ୍ରତି କୌଣସି ହୋଟେଲ କିମ୍ବା ପାର୍କରେ ଯୁବଗୋଷ୍ଠୀମାନେ ଅଧିକ ମାତ୍ରାରେ ରଜ ଉତ୍ସବକୁ ପାଳନ କରୁଛନ୍ତି। ଏହାଛଡ଼ା ଗାଁରେ ମଧ୍ୟ ସମବେତ ଭାବେ ରଜ ଉତ୍ସବ ପାଳନ ହେଉଛି। ବ୍ଲକ୍‌ର ସରସଦା, ବଳିପୁର, ବାଲିପୋଖରୀ, ରାଢୋ ଆଦି ସ୍ଥାନରେ ସମବେତ ରଜ ଉତ୍ସବ ପାଳିତ ହେଉଛି। ଗୋଟିଏ ସ୍ଥାନରେ ଆଧୁନିକ ଦୋଳି ସହିତ ସୁସ୍ୱାଦୁ ଖାଦ୍ୟର ଭଣ୍ଡାର ଖୋଲାଯାଇଛି। ଏହାଛଡ଼ା ଡିଜେ ସାଉଣ୍ଡ ତଥା ନୃତ୍ୟ ଗୀତର ଆସର ମଧ୍ୟ ଜମୁଛି। ସୋସିଆଲ ମିଡିଆ ଓ ପାଶ୍ଚାତ୍ୟ ଅଭିମୁଖି ଚିନ୍ତାଚେତନା ମଧ୍ୟରେ ଅନେକ ପର୍ବପର୍ବାଣି କେତେକାଂଶରେ ମଳିନ ପଡୁଥିବାବେଳେ ପ୍ରଥା ପରମ୍ପରା କିନ୍ତୁ ବଜାୟ ରହିଛି। ତନ୍ମଧ୍ୟରୁ ପହିଲି ରଜ ଉତ୍ସବ ଅନ୍ୟତମ। ଯାହାକି ପ୍ରତ୍ୟେକ ବର୍ଷ ଗାଁ ଗହଳିରୁ ଆରମ୍ଭ କରି ସହର ଯାଏଁ ସବୁଠି ଭାବ ଉଦ୍ଦୀପନାର ସହ ପାଳିତ ହେଉଛି।

## ଓଡ଼ିଆ ସଂସ୍କୃତିର ନିଦର୍ଶନ

# ବିଭିନ୍ନ ସ୍ଥାନରେ ରଜ ଉତ୍ସବର ମାହୋଲ୍

ବନ୍ତ/ଆଗରପଡ଼ା,୧୪।୬(ସମିସ)

ଆଧୁନିକ ସଭ୍ୟତାର ଦ୍ୱାହି ଦେଇ ଉତ୍କଳର ମହାନ୍ ସଂସ୍କୃତି ପରମ୍ପରାକୁ ଉତ୍କଳୀୟମାନେ ଭୁଲିଯାଇ ପାଶ୍ଚାତ୍ୟାଭିମୁଖୀ ହେଉଥିବାବେଳେ ଆଗରପଡ଼ା ଓ ଏହାର ଆଖପାଖ ଅଞ୍ଚଳ ତଥା ବିଭିନ୍ନ ସ୍ଥାନରେ କିନ୍ତୁ ଭୁଲି ପାରିନାହାନ୍ତି ସେହି ମହାନ ସଂସ୍କୃତି ଓ ପରମ୍ପରାକୁ। ତା'ର ଜ୍ୱଳନ୍ତ ଉଦାହରଣ ଓଡ଼ିଆମାନଙ୍କ ରଜ ପର୍ବ। ଅନ୍ୟାନ୍ୟ ଅଞ୍ଚଳରେ ଏହି ପର୍ବପର୍ବାଣି ଲୋପ୍‌ର ପାଦଦେଶରେ ପହଞ୍ଚିଥିବାବେଳେ ଏଠାକାର ଅଞ୍ଚଳରେ ଏହି ପର୍ବ କିନ୍ତୁ ଅଧିକ ସରସ ସୁନ୍ଦର ହେବାରେ ଲାଗିଛି। ଓଡ଼ିଆଣି 'ପିଠା'ର ଜାଗା 'ପିଜା' ଗ୍ରହଣ କରିଥିବାବେଳେ ଏଠାରେ ପୋଡ଼ପିଠା, କାକରା, ମଣ୍ଡା ଆଦି ସୁଆଦିଆ ପିଠାର ବାସ୍ନା ଆଜି ବି ଘରେ ଘରେ ଅନୁଭବ ହୋଇଥାଏ। ଗାଁ ଦାଣ୍ଡରେ ଯିବାବେଳେ ଏହାର ବାସ୍ନା ସମସ୍ତଙ୍କୁ ଆକର୍ଷିତ କରିଥାଏ। ଗାଁ ଦାଣ୍ଡରେ ଭାସି ଆସେ ଗାଁ ଲଳନାମାନଙ୍କ ସୁମଧୁର କଣ୍ଠରେ 'ବନସ୍ତେ ଡ଼ାକିଲା ଗଜ ବରଷକେ ଥରେ ଆସିଛି ରଜ'ର ମନମତାଣିଆ କଣ୍ଠସ୍ୱର। ଗାଁର ବରଗଛ ମୂଳେ ପଟା ଦୋଳି ସାଙ୍ଗକୁ କୁନି କୁନି ଝିଅମାନଙ୍କ ମଧ୍ୟରେ ପୁଚି ଖେଳ, ଲୁଡୁ ଖେଳର ନିଆରା ମଜା ଦେଖିବାକୁ ମିଳିଥାଏ।



ପୃଥିବୀ ରଜସ୍ୱାଳା ଥିବାରୁ ଗାଁ ଝିଅ ଓ ମହିଳାମାନେ ରୋଷେଇ କାର୍ଯ୍ୟ ନ କରି ତାସ୍ ଖେଳରେ ମାତିଥିବାର ଦେଖିବାକୁ ମିଳେ। ଯୁବକମାନଙ୍କ କବାଡ଼ି ଖେଳ ଗାଁ ଦାଣ୍ଡରେ ଏକ ନିଆରା ପରିବେଶ ସୃଷ୍ଟି କରିଥାଏ। ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ଆଗରପଡ଼ା ଅଞ୍ଚଳରେ କବାଡ଼ି ଖେଳର ପରମ୍ପରା ଆରମ୍ଭ କରିଥିଲେ। ସେ ନିଜେ ମଧ୍ୟ ସାଧାରଣ ଲୋକଙ୍କ ସହ ମିଶି ଖେଳୁଥିବାର ଦେଖାଯାଉଥିଲା। ଏବେ ଏହି ବ୍ଲକ୍‌ର ୩ଟି ସ୍ଥାନରେ ରଜ ମହୋତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯାଉଥିବା ବେଳେ ପୁରୁଷଣ୍ଡର ରାମଗଡ଼ପଦାଠାରେ କିଛି ଉଦ୍ୟମୀ ଯୁବକ ୨୦୦୫ ମସିହାଠାରୁ କମିଟି ଗଠନ କରି ରଜ ପର୍ବକୁ ଗଣ ପର୍ବରେ ପରିଣତ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। କମିଟି ପକ୍ଷରୁ ରାମଦୋଳି, ବ୍ରେକ୍ ଡ୍ୟାନ୍ସ ଦୋଳି, ଚକ୍ରି ଦୋଳି, ଜୋଡ଼ା ଦୋଳି ଓ ମିକି ମାଉସ୍‌ରେ ଚଢ଼ି ଛୋଟ ଛୋଟ ପିଲାମାନେ ଆନନ୍ଦ ଉଠାଇଥା'ନ୍ତି। ସେହିପରି ବଡ଼ମହିଁଷଗୋଠ ପଞ୍ଚାୟତ ଟିକିରା ବରଗଛ ପଡ଼ିଆଠାରେ ଆଇଡିଆଲ କ୍ଲବ୍ ସଭାପତି ମନ୍ମଥ ଦାସ ପ୍ରମୁଖଙ୍କୁ ନେଇ ଅନ୍ୟ ଏକ କମିଟି ଗଠନ କରାଯାଇଛି। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଉକ୍ତ ପର୍ବକୁ ଏଥର ଅଧିକ ଆକର୍ଷଣ କରିବା ପାଇଁ ସମସ୍ତ ଚେଷ୍ଟା ଚାଲିଥିବାର ସଭାପତି ମନ୍ମଥ ଦାସ ସୂଚନା ଦେଇଛନ୍ତି। ଚାରିଦିନ ବ୍ୟାପୀ ଏଠାରେ ଏହି ପର୍ବ ପାଳନ ହେବାକୁ ଥିବାବେଳେ ପ୍ରତ୍ୟହ ବିଭିନ୍ନ ପ୍ରତିଯୋଗିତା ସାଙ୍ଗକୁ ସଙ୍ଗୀତ, ନୃତ୍ୟ ପରିବେଷଣ ଓ ଶେଷ ଦିନରେ ପ୍ରତିଭାଧର ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଅନୁରୂପ ଭାବେ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନିମପଡ଼ାଠାରେ ମଧ୍ୟ ଏବର୍ଷ ଧୁମ୍‌ଧାମ୍‌ରେ ରଜ ମହୋତ୍ସବ ପାଳନ ହେବାକୁ ଯାଉଛି। ମୋଟାମୋଟି ଭାବେ କହିବାକୁ ଗଲେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇବା ପାଇଁ ଏହା ଏକ ପ୍ରୟାସ।

## ବୟାଙ୍ଗ ମେଳଣ ପଡ଼ିଆରେ ଆଞ୍ଚଳିକ ରଜ ମହୋତ୍ସବ ଉଦ୍‌ଘାଟିତ



ଅସୁରାଳି/କୋଠାର,୧୪।୬(ସମିସ): ଓଡ଼ିଶାର ଗଣପର୍ବ ରଜ ଉତ୍ସବ ଅବସରରେ ଆଞ୍ଚଳିକ ରଜ ମହୋତ୍ସବ କମିଟି ଆନୁକୂଲ୍ୟରେ ବୟାଙ୍ଗ ମେଳଣ ପଡ଼ିଆ କୋଠାରଠାରେ ଅଷ୍ଟମ ବାର୍ଷିକ ରଜ ମହୋତ୍ସବ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। କମିଟିର ସଭାପତି ଅଧ୍ୟାପକ ଶ୍ରୀଧର ସାହୁଙ୍କ ସଭାପତିତ୍ୱରେ ଏହି ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବର ପ୍ରାରମ୍ଭରେ ନରହରି ଦାଶଙ୍କ ଦ୍ୱାରା ବେଦପାଠ କରାଯାଇଥିବା ବେଳେ ସୁଶ୍ରୀ ଜ୍ୟୋତିର୍ମୟୀ ସାହୁ ସ୍ୱାଗତ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସମାଜସେବୀ ତଥା କଟକ ରୋଟାରୀ କ୍ଲବ୍‌ର ସଭାପତି ପ୍ରଶାନ୍ତ ମହାପାତ୍ର ଯୋଗଦେଇଥିଲେ। ବରଣ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ସାମ୍ବାଦିକ ସନ୍ତୋଷ କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଇଉନିପାୱାରର ନିର୍ଦ୍ଦେଶକ ଧନଞ୍ଜୟ ବେହୁରିଆ ଓ ଉଦ୍ୟୋଗପତି ତଥା 'ଓସମେ'ର ଜିଲ୍ଲା ସଭାପତି ସୁରଜ ସାହୁ ପ୍ରମୁଖ ଯୋଗଦେଇଥିଲେ। ମଞ୍ଚରେ ବରିଷ୍ଠ ଉପଦେଷ୍ଟା ସଦାଶିବ ପୋଥାଳ ଓ ସମ୍ପାଦକ ବିଷ୍ଣୁ ଚରଣ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ଅତିଥିମାନେ ଓଡ଼ିଆ ପରମ୍ପରା, ସଂସ୍କୃତି ଏବଂ ରଜ ପର୍ବର ଐତିହ୍ୟ ଉପରେ ଆଲୋକପାତ କରି ଏଭଳି ଗଣମହୋତ୍ସବ ଓଡ଼ିଆ ଜାତିର ଅସ୍ମିତାକୁ ବଞ୍ଚାଇ ରଖିବାରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ଅମରେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିଶୁ ଓ କିଶୋରୀମାନଙ୍କ ମଧ୍ୟରେ ପୁଚି, ଦଉଡ଼ି ଡିଆଁ, ରଙ୍ଗୋଲି, ଆଳୁ ଚାମଚ ଦୌଡ଼ ଏବଂ ମ୍ୟୁଜିକ୍ ଚେୟାର ଭଳି ବିଭିନ୍ନ ପାରମ୍ପରିକ ଓ ଆମୋଦଦାୟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ଆସିଥିବା ସମସ୍ତ ଅତିଥି ଏବଂ ଜନସାଧାରଣଙ୍କ ପାଇଁ ରଜର ମୁଖ୍ୟ ଆକର୍ଷଣ ରଜ ପାନ, ଦହି ପଖାଳ ଓ ସୁସ୍ୱାଦୁ ଜୁସ୍‌ର ବ୍ୟବସ୍ଥା କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ସତ୍ୟସୁନ୍ଦର ପାଢ଼ୀ, ନାରାୟଣ ଯେନା, ମୁରଲୀଧର ମହାଳିକ, ରଞ୍ଜିତ ମହାପାତ୍ର, ପଞ୍ଚାନନ ଦାଶ, ଶ୍ରୀକାନ୍ତ ପୃଷ୍ଟି, ସୁଧାକର ମହାଳିକ ଏବଂ ଉମାକାନ୍ତ ଖଟୁଆ ପ୍ରମୁଖ ସଫଳତାର ସହ ସଞ୍ଚାଳନ ଓ ପରିଚାଳନା କରିଥିଲେ। ମହୋତ୍ସବର ସନ୍ଧ୍ୟା ଅଧିବେଶନ ମଧ୍ୟ ବେଶ୍ ଜାକଜମକ ହୋଇଥିଲା। ସଭାପତି ଅଧ୍ୟାପକ ଶ୍ରୀଧର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସନ୍ଧ୍ୟା ସଭାରେ ମୁଖ୍ୟ ଅତିଥି ଭାବେ ଦୈନିକ 'ସକାଳ'ର ପବ୍ଲିସର ତଥା 'ନନ୍ଦିଘୋଷ ଟିଭି'ର ସଂଯୋଜକ ଅମିତ୍ କୁମାର ମଲ୍ଲିକ ଯୋଗଦେଇଥିଲେ। ବରଣ୍ୟ ଅତିଥି ଭାବେ ପ୍ରାଧ୍ୟାପକ ଶିବଚରଣ ଖମ୍ବୁରାଇ, ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ଦେବସ୍ମିତା ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସ୍ତମ୍ଭକାର ହୃଦାନନ୍ଦ କର ଓ ଧୂଷୁରୀ ପ୍ରେସ୍ ୟୁନିଅନ ସଭାପତି ସାମ୍ବାଦିକ ସନ୍ତୋଷ ଦାସ ପ୍ରମୁଖ ଯୋଗଦେଇ "ରଜ ପରମ୍ପରା ଓ ଓଡ଼ିଶା' ଶୀର୍ଷକ ବିଷୟ ଉପରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ସାରସ୍ୱତ ସମାରୋହ ଅବସରରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ କବି ପ୍ରିୟବ୍ରତ ଭାରତୀ, ଶ୍ରୀଦ୍ୱେଧଶ୍ୱର ସାହୁ, ବଟକୃଷ୍ଣ ସେଠୀ, କାଳନ୍ଦୀ ମଲ୍ଲିକ, ପ୍ରଭାତ ମଲ୍ଲିକ, ନରହରି ଦାଶ, ଅମରେନ୍ଦ୍ର ନାୟକ, ଗିରିଶ ଚନ୍ଦ୍ର ନାୟକ, ସଂଯୁକ୍ତା ଦାଶ, ସୁବାସ ନାୟକ, ନିର୍ମଳ ଚନ୍ଦ୍ର ସେଠୀ ଏବଂ ରାମଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ନିଜ ନିଜର ସ୍ୱରଚିତ କବିତା ପାଠ କରିଥିଲେ। ଏହି ରଜ ମହୋତ୍ସବ ସ୍ଥାନୀୟ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଜାଗରଣ ସୃଷ୍ଟି କରିପାରିଛି।



## ତିହିଡ଼ି ଯୁବମଞ୍ଚ ପକ୍ଷରୁ ୨ ଦିନିଆ ରଜ ମହୋତ୍ସବ ଉଦ୍‌ଘାଟିତ

ତିହିଡ଼ି,୧୪।୬(ସମିସ): ଓଡ଼ିଆ ସଂସ୍କୃତି, ପରମ୍ପରା ଓ ମାଟି ସହ ଜଡ଼ିତ ରଜ ପର୍ବ ଅବସରରେ, ଅଗ୍ରଣୀ ସାମାଜିକ ସଂଗଠନ 'ତିହିଡ଼ି ଯୁବମଞ୍ଚ' ପକ୍ଷରୁ ତିହିଡ଼ି ଟାଉନ୍ ହଲ୍ ପରିସରରେ ୧୧ତମ ବାର୍ଷିକ ରଜ ମହୋତ୍ସବର ପ୍ରଥମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାମାନଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଲୋଚନକୁ ଅଣାଯାଇପାରୁଛି ବୋଲି ବକ୍ତାମାନେ ମତ ରଖିଥିଲେ। ସଂଗଠନ ଉପଦେଷ୍ଟା ତଥା ସମାଜସେବୀ ଶଶିକାନ୍ତ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି



ଭାବେ ବରିଷ୍ଠ ସାହିତ୍ୟିକ ଅମରେଶ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ଲକ୍ଷ୍ମୀଧର ତ୍ରିପାଠୀ, ସମ୍ମାନିତ ବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ଭଗବାନ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ତିହିଡ଼ି ବିଡିଓ ନିରଞ୍ଜନ ବାରିକ, ବରିଷ୍ଠ ଶିକ୍ଷାବିତ୍ ସୋମନାଥ ପାଢ଼ୀ ଓ ସଂଯୋଜକ ଆଇନଜୀବୀ ନୀଳମାଧବ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ତିହିଡ଼ି ସଂଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ନାୟକଙ୍କ ପରିଚାଳନାରେ ପ୍ରାରମ୍ଭିକ ସଂଗୀତ ଏବଂ ରଜ ଗୀତ ପରିବେଷିତ ହୋଇଥିଲା। ସଦସ୍ୟ ସୁବ୍ରତ ମିଶ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ, ସଭାପତି କୈଳାସ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ନିରଞ୍ଜନ ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଏବଂ ସାଂସ୍କୃତିକ ସଂଯୋଜକ ମନୋଜ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ରାଜକିଶୋର ବିଶ୍ୱାଳ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ମାଟ୍ରିକ୍ ବ୍ଲକ୍ ଟପ୍ପର ପ୍ରଜ୍ଞାପାରମିତା ବାରିକ, ଅଂଶୁମାନ ପଣ୍ଡା, ଓମ୍ ପ୍ରକାଶ ଦୀକ୍ଷିତ ଏବଂ ସ୍ନାତକ ଟପ୍ପର ଲିପିପୁଷ୍ପା ଗୁଇଁଙ୍କୁ 'ମେଧା ସମ୍ମାନ' ପ୍ରଦାନ କରାଯାଇଥିଲା। ଏହା ସହ ବିନାୟକ +୨ ଆବାସିକ ମହାବିଦ୍ୟାଳୟ ତରଫରୁ କୃତୀ ଛାତ୍ରଛାତ୍ରୀଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ବରିଷ୍ଠ ସାହିତ୍ୟିକ ଭଗବାନ ଚନ୍ଦ୍ର ନାୟକ, ଶିକ୍ଷାବିତ୍ କୃପାସିନ୍ଧୁ କର, ସମାଜସେବୀ କୁମାର ଗଙ୍ଗାଧର, ବିଭୂତି ଭୂଷଣ ପାଟ, ବଂଶୀଧର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାମାଜିକ ସଂଗଠନ ଏଟିଏମ୍ ଗ୍ରୁପ୍, ଭଦ୍ରକ ସେବା ସଂଗଠନ, ଦରଦୀବନ୍ଧୁ ପରିବାର ଏବଂ ବାପି ସାର୍ ସମାଜ ସୁରକ୍ଷା ଟିମ୍‌କୁ ଉତ୍କୃଷ୍ଟ ସମାଜସେବା ପାଇଁ ସମ୍ମାନିତ କରାଯାଇଥିଲା। ଅପରାଜେୟ ଅନ୍ୱେଷଣ କାର୍ଯ୍ୟକ୍ରମରେ ବିଭୂତିଭୂଷଣ ପାଟଙ୍କୁ ଶବଦାହ, ରକ୍ତଦାନ କରି ଚର୍ଚ୍ଚାରେ ଅଛନ୍ତି। ଭରତ ଚନ୍ଦ୍ର ଦାଶ, ଅଶୋକ ପାଣିଗ୍ରାହୀ, ମଧୁସୂଦନ ମିଶ୍ର, ନମିତା ବେହେରା ଓ ଶଙ୍କର୍ଷଣ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରେରଣା ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଅଳତା ପ୍ରତିଯୋଗିତାରେ କବୟିତ୍ରୀ ବିଶ୍ୱମୈତ୍ରୀ ନାୟକ, ଚିତ୍ରଶିଳ୍ପୀ ଜୟନ୍ତ ନାୟକ ଏବଂ ରଜର ରାଣୀ ପ୍ରତିଯୋଗିତାରେ କବି ବିପ୍ଳବ ରଞ୍ଜନ ପତି ଓ ଯୁବ କଣ୍ଠଶିଳ୍ପୀ ସିଦ୍ଧାର୍ଥ ସାହୁ ବିଚାରକ ଭାବେ ଯୋଗଦେଇଥିଲେ। ସହଯୋଗୀ ଭାବେ ବନ୍ଦେ ବିଶ୍ୱେଶ୍ୱରୀ ଦାସ ଉପସ୍ଥିତ ଥିଲେ। ସଂଗଠନ ପକ୍ଷରୁ ସମାଜସେବୀ ମନୋଜ ସେନାପତି, ସନାତନ ସାହୁ, ରେଣୁବାଳା ନାଥ, ଦିଲ୍ଲୀପ ପତି, ସୁବ୍ରତ ଦାସ, ଜିତେନ୍ଦ୍ର ନାୟକ, ସୌମ୍ୟଗୋପାଳ ନାୟକ, ଅଜିତ ଜେନା ଓ ନୀଳାମ୍ବର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କପାଳୀ କ୍ଷେତ୍ରରେ ଶ୍ରୀଜଗନ୍ନାଥ ରଜ ମହୋତ୍ସବର ପ୍ରଥମ ସନ୍ଧ୍ୟା



ବନ୍ତ/ଆଗରପଡ଼ା,୧୪।୬(ସମିସ): ବନ୍ତ ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତସ୍ଥିତ ନିମପଡ଼ା ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବର ଏକାଦଶତମ ବାର୍ଷିକ ଉତ୍ସବକୁ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଉଦ୍‌ଘାଟନ କରିଥିଲେ। ଏହି ମହାନ୍ ପର୍ବ ସଂସ୍କୃତିକୁ ଉଜ୍ଜିବିତ ସହ ମାଟିରୁ ଆକାଶକୁ ଯୋଡ଼ିଥାଏ ବୋଲି ମତବ୍ୟକ୍ତ କରିଥିଲେ। କମିଟି ସଭାପତି ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଓ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଅଜୟ ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅନ୍ୟତମ ଅତିଥିଭାବେ ଶିକ୍ଷାବିତ୍ ଚତୁର୍ଭୁଜ ପହି, ବିଶିଷ୍ଟ ଶିକ୍ଷାବିତ୍ ଗଣେଶ ପ୍ରସାଦ କରଶର୍ମା, ଶିକ୍ଷାବିତ୍ ସୂର୍ଯ୍ୟମଣି ରାଉଳ, ପ୍ରାକ୍ତନ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ସାମଲ, ଶ୍ୟାମସୁନ୍ଦର ଜେନା, ସମିତିସଭ୍ୟା ଚପଳା ଜେନା, ସନାତନ ସେଠୀ, ଭାଗିରଥି ସେଠୀ, ପ୍ରାକ୍ତନ ସରପଞ୍ଚ ବିଜୟ ବିଶ୍ୱାଳ ପ୍ରମୁଖ ଏହି ରଜ ପର୍ବ ଦ୍ୱାରା ପୁରାତନ ସଂସ୍କୃତି ଉଜ୍ଜିବିତ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ରଜ କମିଟିର ସଭାପତି ପ୍ରକାଶ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ହୃଷୀକେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ପୁରୀ ପକ୍ଷରୁ ଏସ୍‌ଏସ୍ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ବିଭିନ୍ନ ନୃତ୍ୟ ସହ ସଙ୍ଗୀତ ପରିବେଷଣ ହୋଇଥିଲା। ଏହାକୁ ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ସଦସ୍ୟଙ୍କ ସହ ଶ୍ରୀନିବାସ ବିଶ୍ୱାଳ, ଅନାଦି ବିଶ୍ୱାଳ, ବନମାଳି ବାରିକ, ଆଶିଷ ସାହୁ, ଆଲୋକ ରାଉତରାୟ, କୁନା ସାହୁ, ସରତ ରାଉଳଙ୍କ ସହ କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

## କୁମ୍ଭାରିଆଠାରେ ରଜ ଉତ୍ସବ ଉଦ୍‌ଘାଟିତ



ବାରିକପୁର,୧୪।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ପଞ୍ଚାୟତ କୁମ୍ଭାରିଆ ଜଗନ୍ନାଥ ମନ୍ଦିର ନିକଟସ୍ଥ ବୈତରଣୀ କୂଳରେ ରବିବାର ରଜ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉତ୍ସବ ଉଦ୍‌ଘାଟନ କରିଥିଲେ। କୃଷିଭିତିକ ଗଣପର୍ବ ରଜ ଉତ୍ସବକୁ ଗ୍ରାମବାସୀ ନିଆରା ଢଙ୍ଗରେ ପାଳନ କରିଥିବାବେଳେ ଏହା ଗାଁରେ ଏକତା ବଜାୟ ରଖିବା ସହିତ ଭାଇଚାରା ସୃଷ୍ଟି କରୁଛି ବୋଲି ବିଧାୟକ ଶ୍ରୀ ମଲ୍ଲିକ ମତବ୍ୟକ୍ତ କରିଥିଲେ। ଏଥିରେ ବରିଷ୍ଠ ସମାଜସେବୀ ସଞ୍ଜୀବ ପରିଡ଼ା, ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ସମବାୟ ସମିତି ସଭାପତି ଅଧର ରାଉତ, ଅନନ୍ତ ତ୍ରିପାଠୀ, ରାଜେନ୍ଦ୍ର ଖଣ୍ଡାଇ, ଯୁବ ନେତା ଧିରେନ୍ଦ୍ର ନାୟକ, ଦୈତାରୀ ଜେନା, ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ରଜ ଉତ୍ସବ ପାଳନ ସମ୍ପର୍କରେ ମତ ଦେଇଥିଲେ। ଏହି ଉତ୍ସବ ତିନି ଦିନ ଧରି ପାଳନ ହେଉଥିବାବେଳେ ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସଦସ୍ୟମାନେ କହିଛନ୍ତି।

## ରଜ ଆସିଲା; ପାଗ ନୋହିଲା

# ଚାଷ ଜମିରେ ଚରିଲେଣି ଗୋରୁ; ଚିନ୍ତାରେ ଚାଷୀ

ବନ୍ତ/ଆଗରପଡ଼ା,୧୪।୬(ସମିସ)

ପ୍ରତି ବର୍ଷ ପରି ଚଳିତ ବର୍ଷ ଚାଷୀଙ୍କ ମୁହଁରେ ସେପରି ଆନନ୍ଦ ନାହିଁ। ରଜ ପୂର୍ବରୁ ଧାନ ବୁଣାବୁଣି, ତଳି ପକା କାର୍ଯ୍ୟ ସାରି ଚାଷୀ ଆନନ୍ଦ ମନରେ ରଜ ପର୍ବ ପାଳନ କରିଥାଏ। ଏବର୍ଷ ରଜ ଆରମ୍ଭ ହୋଇଗଲାଣି କିନ୍ତୁ ମୌସୁମୀରେ ପରିବର୍ତ୍ତନ ଆସି ନ ଥିବାରୁ ଏହା ଚାଷୀର ଚିନ୍ତା ବଢ଼ାଇ ଦେଇଛି। ପାଣିପାଗ ବିଭାଗ ପକ୍ଷରୁ ଚଳିତ ବର୍ଷ ମୌସୁମୀ ଆସିବା ସମୟ ଠିକ୍ ଭାବେ ପରିପ୍ରକାଶ କରାଯାଇପାରି ନ ଥିବାବେଳେ ବର୍ତ୍ତମାନ ଗ୍ରୀଷ୍ମ ପ୍ରଭାବ ଜାରି ରହିଛି। ପ୍ରତିଦିନ ସନ୍ଧ୍ୟାରେ ଝଡ଼ତୋଫାନ ପରବର୍ତ୍ତୀ ସମୟରେ ଗ୍ରୀଷ୍ମର ପ୍ରଭାବ। ପାଗ ନ ଥିବାରୁ ୯୫ ଭାଗ ଜମିରେ ଧାନ ତଳି କିମ୍ବା ଧାନ ବୁଣା କାର୍ଯ୍ୟ ନ ହେବାରୁ ଚାଷୀ ମୁଣ୍ଡରେ ହାତ ଦେଇଥିବାବେଳେ ବର୍ତ୍ତମାନ ଜମିରେ ଗୋରୁଗାଈମାନେ ଚରୁଥିବାର ଦେଖାଯାଉଛି। ବିବରଣୀରୁ ପ୍ରକାଶ ଯେ, ବନ୍ତ ଓ ଆଗରପଡ଼ା ଅଞ୍ଚଳରେ



ପ୍ରାୟ ୮୦ ଭାଗ ଚାଷୀ ଥିବାବେଳେ ୨୦ ଭାଗ ସରକାରୀ ଚାକିରିଆ ଅଛନ୍ତି। ରଜ ପୂର୍ବରୁ ଜମିରେ ଲଙ୍ଗଳ ଗାର ବାଜିପାରିଲା ନାହିଁ। ପ୍ରବଳ ଗରମ ଓ ଗ୍ରୀଷ୍ମ ଋତୁ ଫଳରେ ଜମି ଟାଣ ହୋଇଯାଇଥିଲା। ରଜ ପର୍ବ ପଡ଼ିବାର ଏକ ମାସ ପୂର୍ବରୁ ପାଗ ନ ହେବାରୁ ହଳ ହୋଇପାରିଲା ନାହିଁ। ତା' ପରେ ପରେ ୨/୩ ଦିନରେ ଥରେ ବର୍ଷା ହୋଇ ଜମି ଓଦା ହୋଇଯାଏ। ଜମି ଶୁଖିବା ପୂର୍ବରୁ ପୁଣି ବର୍ଷା ହୋଇ ଛାଡ଼ିଯାଏ। ଜମିର ପାଗକୁ ଚାହିଁ ଚାହିଁ ହଳ ହୋଇପାରିଲା ନାହିଁ। ଅଧିକ ପରିମାଣରେ ବର୍ଷା ହୋଇଥିଲେ ଜମିକୁ କାଦୁଅ କରି ଧାନ ତଳି ପକା ଯାଇପାରିଥାନ୍ତା। ତାହା ମଧ୍ୟ ହୋଇପାରିଲା ନାହିଁ। ଧାନ ତଳି ପଡ଼ିପାରିଲା ନାହିଁ କି ଧାନ ବୁଣା କାର୍ଯ୍ୟ ହେଲା ନାହିଁ। ରଜ ଆସିଗଲା କିନ୍ତୁ ଚାଷୀଙ୍କ ମନରେ ପୂର୍ବ ହସ ଦେଖିବାକୁ ମିଳୁନାହିଁ। ଆମ୍ବ, ପଣସର ଦର ସାଙ୍ଗକୁ ଧାନ ତଳି ପକାଇ ନ ପାରିବାର ଦୁଃଖ ଦୁଇଗୁଣା ହେବାକୁ ବସିଲାଣି। ବିଲରେ ଘାସ ମଧ୍ୟ ହୋଇଗଲାଣି। ପାଗ ଠିକ୍ ନ ଥିବାରୁ ଅଧିକାଂଶ ଚାଷୀ ଗୋବର ଖତ ମଧ୍ୟ ଜମିରେ ପକାଇ ପାରିଲେ ନାହିଁ। କ୍ଷେତ ପଡ଼ିଆ ଦେଖାଯାଉଛି, ଗୋରୁଗାଈମାନେ ମନ ଆନନ୍ଦରେ ଘାସ ଖାଉଛନ୍ତି। ଜୋର୍‌ରେ ବର୍ଷା ହୋଇଗଲେ ବିଚରା ଚାଷୀ ଧାନ ତଳି ପକାଇବା ସହିତ ଜମିକୁ କାଦୁଅ କରିବାରେ ସକ୍ଷମ ହୋଇପାରନ୍ତା ଏବଂ ଧାନ ଚାଷ କାର୍ଯ୍ୟରେ ଲାଗିଯାଆନ୍ତା। ଏସବୁ ଦୁଃଖରେ ଭାଙ୍ଗି ପଡ଼ିଛି ଚାଷୀ। ଚାଷ କେମିତି ହେବ, ପରିବାର କେମିତି ଚଳାଇବ ସେହି ଦୁଃଖରେ ମୁଣ୍ଡରେ ହାତ ଦେଇ ବସିଛି ଚାଷୀ।

# ଆଗକୁ ରଥ ଯାତ୍ରା: ସୁଧୁରିନି କାଳିମାଟି-ଦୁବୁନା ରାସ୍ତା

ଯୋଡ଼ା, ୧୪।୬(ସମିସ):



ଖଣି ସମୃଦ୍ଧ ଅଞ୍ଚଳ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମୌଳିକ ଭିତ୍ତିଭୂମିର ଅଭାବ ଭୋଗୁଛନ୍ତି ବଡକାଳିମାଟି ପଞ୍ଚାୟତବାସୀ। କାଳିମାଟି-ଦୁବୁନା ମୁଖ୍ୟରାସ୍ତାର ଦୟନୀୟ ଅବସ୍ଥା ଏବେ ସାଧାରଣ ଲୋକଙ୍କ ପାଇଁ ଅଭିଶାପ ପାଲଟିଛି। ଦୁଇଚକିଆ କିମ୍ବା ଚାରିଚକିଆ ଗାଡ଼ି ଚଳାଚଳ ତ ଦୂରର କଥା, ପାଦରେ ଚାଲିଯିବା ମଧ୍ୟ ଏହି ରାସ୍ତାରେ ସୁରକ୍ଷିତ ମନେ କରୁନାହାନ୍ତି ଗ୍ରାମବାସୀ। ଏଠାରେ ସୂଚନା ଯୋଗ୍ୟ ଯେ କାଳିମାଟି ଜଗନ୍ନାଥ ମନ୍ଦିରରେ ପ୍ରତିବର୍ଷ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ପବିତ୍ର ରଥଯାତ୍ରା ପାଳନ ହେଉଥିବା ବେଳେ ଉକ୍ତ ରାସ୍ତାଦେଇ ଦୁବୁନାସ୍ଥିତ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ରଥଟଣା ହୋଇଥାଏ। ଗତବର୍ଷ ରାସ୍ତା ଅବସ୍ଥା ଏତେ ମାତ୍ରାରେ ଖରାପ ଥିଲା ଯେ ରଥଟଣା ବେଳେ ରଥ ଚକ ଭାଙ୍ଗିଯିବାରୁ ଠାକୁରଙ୍କୁ ମୁଣ୍ଡରେ ବୋହି ମାଉସୀ ମା' ମନ୍ଦିରରେ ପହଞ୍ଚା ଯାଇଥିଲା।

ଗତ ୩୬୫ ଦିନ ଧରି ରାସ୍ତାର ଅବସ୍ଥା ଅପରିବର୍ତ୍ତିତ ରହିଥିବାବେଳେ ବର୍ଷା ଦିନେ ଏହା ଆହୁରି ବିପଜ୍ଜନକ ହୋଇପଡୁଛି। ରାସ୍ତାରେ ଖାଲଖମା, କାଦୁଅ ଓ ଧୂଳିର ସାମ୍ରାଜ୍ୟ ଲୋକଙ୍କ ନିତିଦିନିଆ ଜୀବନକୁ ଦୁର୍ବିସହ କରିଦେଇଛି। ସ୍କୁଲ ଛାତ୍ରଛାତ୍ରୀ, ରୋଗୀ, ବୃଦ୍ଧ ଓ ମହିଳାମାନେ ସବୁଠାରୁ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗ୍ରାମର ଏହି ରାସ୍ତାକୁ ପ୍ରାୟ କବ୍ଜା କରିନେଇଛି ଖଣିଜ ପରିବହନ। ଦିନରାତି ଶହ ଶହ ଭାରୀଯାନ ଏହି ରାସ୍ତା ଦେଇ ଖଣିଜ ପରିବହନ କରୁଥିବାରୁ ରାସ୍ତା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ହେଲେ ଏହି ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ପ୍ରତି ନା ଖଣି କମ୍ପାନୀଙ୍କର ଦୃଷ୍ଟି ରହିଛି, ନା ସରକାରୀ ବିଭାଗର। ଫଳରେ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଗମନାଗମନ ପରି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି ବଡକାଳିମାଟି ପଞ୍ଚାୟତବାସୀ।

ଏବେ ପୁଣି ରଥଯାତ୍ରା ନିକଟତର ହେଉଥିବା ବେଳେ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଯାଇଛି। ଯଦି ରାସ୍ତାର ମରାମତି ଶୀଘ୍ର ନ କରାଯାଏ, ତେବେ ଚଳିତ ବର୍ଷ ମଧ୍ୟ ରଥ ଟାଣିବାରେ ସମସ୍ୟା ସୃଷ୍ଟି ହେବ ବୋଲି ଆଶଙ୍କା କରୁଛନ୍ତି ସ୍ଥାନୀୟ ଲୋକେ। ପୁଣି ଥରେ କଣ ମୁଣ୍ଡରେ ବୁହାହେବେ କାଳିଆ ଠାକୁର? ଏହି ପ୍ରଶ୍ନ ଏବେ ଶ୍ରଦ୍ଧାଳୁ ଓ ଗ୍ରାମବାସୀଙ୍କ ମନରେ ଦ୍ୱନ୍ଦ ସୃଷ୍ଟି କରିଛି। ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି

## ପୁଣି ମୁଣ୍ଡରେ ବୁହାହେବେ କି କାଳିଆ ଠାକୁର !

ଯେ ଖଣିଜ ପରିବହନରୁ ରାଜସ୍ୱ ଆଦାୟ କରୁଥିବା ସରକାର ଓ ଲାଭବାନ ହେଉଥିବା ଖଣି କମ୍ପାନୀମାନେ ତୁରନ୍ତ ଏହି ରାସ୍ତାର ସ୍ଥାୟୀ ସମାଧାନ କରନ୍ତୁ। ନଚେତ ଆଗାମୀ ଦିନରେ ଲୋକମାନେ ଆନ୍ଦୋଳନର ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ। ରଥଯାତ୍ରା ଆଉ କିଛି ଦିନ ବାକି ଥିବାବେଳେ ପ୍ରଶାସନ, ଜନପ୍ରତିନିଧି ଓ ଖଣି କମ୍ପାନୀ ଦୃଷ୍ଟି କେବେ ଏହି ରାସ୍ତା ଉପରେ ପଡୁଛି, ତାହାକୁ ସମଗ୍ର ଅଞ୍ଚଳ ଅପେକ୍ଷା କରିଛି।

# ରିଲିଜ୍ ହେଲା କେନ୍ଦୁଝରିଆ ଗୀତ

ଆନନ୍ଦପୁର ୧୪।୬(ସମିସ): କେନ୍ଦୁଝରର ଇତିହାସ କିମ୍ବଦନ୍ତୀ ସାହିତ୍ୟ ସଂସ୍କୃତି ପର୍ଯ୍ୟଟନ ଖଣି ଶିଳ୍ପ କଳା ଭାସ୍କର୍ଯ୍ୟ ଉପରେ ଆଧାରିତ ସଂଗୀତ କେନ୍ଦୁଝରିଆ ଗୀତ ଆଜି ଆନନ୍ଦପୁରରେ ରିଲିଜ ହୋଇଛି। ଏସଏନ ଷ୍ଟୁଡିଓରେ କଣ୍ଠଶିଳ୍ପୀ ମଦନ ପାଣିଙ୍କ ସଂଯୋଜନାରେ ପଣ୍ଡିତ ପ୍ରବଚକ ଜିତୁଦାଶ ଏହି ଗୀତକୁ ଗାଇଛନ୍ତି। ଗୀତିକାର ଶଶିକାନ୍ତ ଜେନା ସଂଗୀତ ନିର୍ଦ୍ଦେଶକ ଜିତୁ ବ୍ରୋ ଏବଂ ସନ୍ତୋଷ ପରିଡା ଏହି ଗୀତକୁ ନିର୍ଦ୍ଦେଶନା ଦେଇଥିବା ବେଳେ ଯନ୍ତ୍ର ଶିଳ୍ପୀ ସୁବାଶିଷ ଶତପଥୀ ପରିଚାଳନା କରିଥିଲେ। ଜିତୁ ଦାଶ ଅଫିସିଆଲ ଚାନେଲରେ ରିଲିଜ ହୋଇଥିବା ଏହି ଗୀତକୁ ବହୁ ଲୋକ ପସନ୍ଦ କରୁଥିବା ଜଣାଯାଇଛି।



# ଗଣ୍ଡା ନାଳରୁ ମୃତଦେହ ଉଦ୍ଧାର

ଆନନ୍ଦପୁର, ୧୪।୬(ସମିସ): ରାମଚନ୍ଦ୍ରପୁର ପୁଲିସ ଆଜି ଗଣ୍ଡାନାଳରୁ ନାନିକାବାହାଳୀ ଗ୍ରାମର ଭାଇଗା ମୁଣ୍ଡା (୫୫)ଙ୍କ ମୃତଦେହ ଉଦ୍ଧାର କରିଛି। ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ପଠାଇଥିବା ଜଣାଯାଇଛି।

● ମୋବାଇଲରେ କ୍ରିକେଟ ଖେଳ ଦେଖିବା ହେଲା କାଳ

# ବ୍ରେନ୍‌ଷ୍ଟ୍ରୋକ୍‌ରେ ଯୁବକ ମୃତ

ତୁରୁମୁଙ୍ଗା, ୧୪।୬(ସମିସ): ଶନିବାର ବିଳମ୍ବିତ ରାତିରେ କ୍ଲବ୍ ଘରେ ମୋବାଇଲ ଫୋନ ମାଧ୍ୟମରେ କ୍ରିକେଟ୍ ମ୍ୟାଚ୍ ଦେଖୁଥିଲେ। ଏହି ସମୟରେ ହଠାତ ବ୍ରେନ୍‌ଷ୍ଟ୍ରୋକ୍‌ରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପାଟଣା ବ୍ଲକ୍ ମୂଷାଖରୀ ଗାଁ ନରହରି ନାଏକଙ୍କ ପୁଅ ଅଶୋକ (୧୯)। ସୂଚନା ଅନୁସାରେ, ଶନିବାର ରାତିରେ ସାଙ୍ଗମାନଙ୍କ ସହ ମୋବାଇଲ୍‌ରେ କ୍ରିକେଟ ମ୍ୟାଚ ଦେଖୁଥିବା ବେଳେ ତାଙ୍କର ହଠାତ ମୁଣ୍ଡ ବୁଲାଇବାରୁ ଘର ଲୋକ ଓ ସାଙ୍ଗମାନେ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥଲେ। ଅବସ୍ଥା ସଙ୍କଟପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ ହେଁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ରବିବାର ପାଟଣା ଥାନା ଏଏସଆଇ ଗୌରହରି ଗରଡିଆ ପହଞ୍ଚି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ୩୦/୨୬ରେ ମାମଲା ରଜୁ ହୋଇଛି।



# ପୋଡ଼ପିଠାର ମହକରେ ମହକିଲା ଗାଁ, ଦୋଳି ଖେଳରେ ଝୁମିଲେ ଯୁବପିଢ଼ି

ତୁରୁମୁଙ୍ଗା, ୧୪।୬(ସମିସ): ଓଡ଼ିଆଙ୍କ ଗଣପର୍ବ ରଜ ଅବସରରେ ଉତ୍ସବମୁଖର ହୋଇଉଠିଛି ତୁରୁମୁଙ୍ଗା,ଚେମଣା ,ଡେଣ୍ଡୁଆଁ ସମେତ ଆଖପାଖ ଅଞ୍ଚଳ। ପ୍ରଥମ ରଜରେ ଘରେ ଘରେ ପୋଡ଼ପିଠା, ମଣ୍ଡା, କାକରା ଓ ବିଭିନ୍ନ ପାରମ୍ପରିକ ପିଠାର ମହକ ଖେଳିଯାଇଥିବା ବେଳେ ଗାଁ ଦାଣ୍ଡ ଓ ଆମ୍ବତୋଟାରେ ଦୋଳି ଖେଳକୁ ନେଇ ଦେଖିବାକୁ ମିଳିଛି ବେଶ୍ ଉତ୍ସାହ। ରଜ ପର୍ବକୁ ସ୍ୱାଗତ କରିବା ପାଇଁ ଗାଁର ଆମ୍ବତୋଟା, ପଡ଼ିଆ ଓ ବିଭିନ୍ନ ସ୍ଥାନରେ ରଙ୍ଗବେରଙ୍ଗର ଦୋଳି ବନ୍ଧାଯାଇଛି। ଶିଶୁ କିଶୋରୀ ଓ ଯୁବତୀମାନେ ଦୋଳି ଖେଳିବା ସହ ରଜଗୀତ ଗାଇ ନାଚଗୀତରେ ମସଗୁଲ ହୋଇଥିଲେ। ପାନ ଖାଇ, ସାଙ୍ଗସାଥୀଙ୍କ ସହ ମିଳିମିଶି ଲୋକେ ଆନନ୍ଦ ଉଲ୍ଲାସରେ ପ୍ରଥମ ରଜ ପାଳନ କରିଛନ୍ତି। ବିଶେଷକରି ଯୁବତୀମାନେ ନୂଆ ଲୁଗା ପିନ୍ଧିବା ସହ ହାତରେ ମେହେନ୍ଦି ଓ ପାଦରେ ଅଳତା ଲଗାଇ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ରଜ ଉତ୍ସବରେ ସାମିଲ ହୋଇଥିଲେ। ବୃଦ୍ଧ ଓ ଯୁବକମାନେ ତାସ ଖେଳି ଉତ୍ସାହର ସହ ପାଳନ କରିଥିଲେ।



# ଡାହାଣୀ ସନ୍ଦେହରେ ବୃଦ୍ଧାଙ୍କୁ ଆକ୍ରମଣ

ଠାକୁରମୁଣ୍ଡା,୧୪।୬(ସମିସ): ଅନ୍ଧବିଶ୍ୱାସ ଓ ଡାହାଣୀ ସନ୍ଦେହରେ ଜଣେ ୮୦ ବର୍ଷୀୟ ବୃଦ୍ଧାଙ୍କ ଉପରେ ଛୁରୀରେ ଆକ୍ରମଣ ହୋଇଛି। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ମହୁଲଡିହା ଥାନା ଅନ୍ତର୍ଗତ ଜରକ ପଞ୍ଚାୟତର ୩ ନମ୍ବର ୱାର୍ଡସ୍ଥ ବନମୁଣ୍ଡା ଗ୍ରାମରେ ଏହି ଘଟଣା ଘଟିଛି। ବନମୁଣ୍ଡା ଗ୍ରାମର ସମ୍ବାରୀ ମହାକୁଡ (୮୦) ଗତକାଲି ରାତି ପ୍ରାୟ ୯ଟା ସମୟରେ ଘର ନିକଟରେ ଥିବାବେଳେ ସେହି ଗ୍ରାମର ଟୁନୁ ବରଜ (୨୪) ସେଠାରେ ପହଞ୍ଚି ହଠାତ୍ ତାଙ୍କୁ ଛୁରୀରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣ ସମୟରେ ସମ୍ବାରୀଙ୍କ ପୁଅ ବୁଦ୍ଧିଆ ମହାକୁଡ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ମାଆଙ୍କ ଉପରେ ଛୁରୀରେ ଆକ୍ରମଣ ହେଉଥିବା ଦେଖି ସେ ତୁରନ୍ତ ଆଗକୁ ଆସି ତାଙ୍କୁ ଉଦ୍ଧାର କରିଥିଲେ। ଫଳରେ ଏକ ବଡ଼ ଅଘଟଣ ଟଳିଯାଇଥିବା ସ୍ଥାନୀୟ ଲୋକ କହିଛନ୍ତି। ଏହି ଆକ୍ରମଣରେ ବୃଦ୍ଧାଙ୍କ ବାମପଟ କାନ୍ଧ ଓ ହାତରେ ଗଭୀର ଆଘାତ ଲାଗିଛି। ରକ୍ତାକ୍ତ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଆଜି ସକାଳେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଖବର ସଂଗ୍ରହ କରିବା ବେଳକୁ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କୁ ଘରକୁ ଛାଡ଼ି ଦେଇଥିବା ସୂଚନା ମିଳିଛି। ଆହତ ବୃଦ୍ଧାଙ୍କ ପୁଅ ବୁଦ୍ଧିଆ ମହାକୁଡଙ୍କ କହିବା ଅନୁଯାୟୀ, ଟୁନୁ ବରଜ ତାଙ୍କ ମାଆଙ୍କୁ ଡାହାଣୀ ସନ୍ଦେହ କରି ଏହି ଆକ୍ରମଣ କରିଥିଲେ। ଦୀର୍ଘଦିନ ଧରି ଏଭଳି ସନ୍ଦେହକୁ କେନ୍ଦ୍ର କରି ଉଭୟ ପକ୍ଷ ମଧ୍ୟରେ ମନୋମାଳିନ୍ୟ ଥିବା କଥା ମଧ୍ୟ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ମହୁଲଡିହା ଥାନା ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣା ସମ୍ପର୍କରେ ଏ ପର୍ଯ୍ୟନ୍ତ ଥାନାରେ କୌଣସି ଲିଖିତ ଅଭିଯୋଗ ଦାଖଲ ହୋଇନାହିଁ। ଅଭିଯୋଗ ହେବା ପରେ ଘଟଣାର ତଦନ୍ତ କରାଯାଇ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ। ଗ୍ରାମାଞ୍ଚଳରେ ଏବେ ମଧ୍ୟ ଡାହାଣୀ ସନ୍ଦେହ ଭଳି ଅନ୍ଧବିଶ୍ୱାସକୁ ନେଇ ହିଂସାତ୍ମକ ଘଟଣା ଘଟୁଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି କୁସଂସ୍କାର ବିରୋଧରେ ସଚେତନତା ସୃଷ୍ଟି ସହ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



# ଗ୍ରାମାଞ୍ଚଳରେ ବିଗୁଡୁଛି ସ୍ୱାସ୍ଥ୍ୟସେବା

ଆନନ୍ଦପୁର, ୧୪।୬ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ଘସିପୁରା ବ୍ଲକ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ବିଗିଡି ଯାଉଥିବା ଅଭିଯୋଗ ହୋଇଛି। ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଫାର୍ମାସିଷ୍ଟ ସ୍ୱାସ୍ଥ୍ୟ କର୍ମଚାରୀ ଅଭାବ ଥିବାବେଳେ ଯେଉଁ କେତେକ ସ୍ଥାନରେ କର୍ମଚାରୀ ଅଛନ୍ତି ସେମାନେ ନିୟମିତ ଯାଉ ନଥିବାରୁ ଅନେକ କେନ୍ଦ୍ର ନିୟମିତ ଖୋଲୁ ନଥିବା ଗୁରୁତର ଅଭିଯୋଗ ହୋଇଛି। ତଦାରଖ ଦାୟିତ୍ୱରେ ଥିବା ଅଧିକାରୀ କେବେବି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଉ ନଥିବାରୁ ବ୍ୟବସ୍ଥା ବିଗିଡିଯାଉଥିବା ଅନୁମାନ ହୋଇଛି। ଘସିପୁରା ବ୍ଲକର ତୁଳସୀବଣିପାତନା କେନ୍ଦୁଆ ଶାମୁକାନେଣ୍ଡି ନିଆଳୀଝରଣ ଗୋପାଳପୁର ମିରିଗିମୁଣ୍ଡି ଗୋଡ଼ିସାହି ପ୍ରଭୃତି ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚି ପାରୁନାହିଁ। ବିକଳ୍ପ ସ୍ୱରୂପ ଆରମ୍ଭ ହୋଇଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ପ୍ରହସନରେ ପରିଣତ ହୋଇଛି। କେନ୍ଦୁଝର ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରେ ହେଉଥିବା ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବାରେ ମାର୍ଗଦର୍ଶିକାକୁ ଖାତିର ନକରି ନିୟୋଜିତ କର୍ମଚାରୀମାନେ ଲୋକଙ୍କୁ ସରକାରୀ ସୁବିଧା ନଦେଇ ସେ ବାବଦକୁ ମିଳୁଥିବା ଅର୍ଥ ହେରଫେର କରୁଛନ୍ତି। ଔଷଧ ବଦଳରେ ନିରାମୟ ଔଷଧ ବଣ୍ଟନ କରୁଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ପାଇଁ ମିଳିଥିବା ଗାଡ଼ି ଗାଁକୁ ଗାଁ ଯାଇ ସ୍ୱାସ୍ଥ୍ୟସେବା ଓ ଔଷଧ ବିତରଣ କରିବାକୁ ନିର୍ଦ୍ଦେଶ ଅଛି। ମିଳୁଥିବା ଉନ୍ନତ ମାନର କମ୍ପାନୀ ଔଷଧକୁ ବାହାରେ ବିକ୍ରି କରାଯାଇ ସରକାରୀ ଔଷଧକୁ ରୋଗୀଙ୍କୁ ଦିଆଯାଉଛି। ଡାକ୍ତରଙ୍କ ବଦଳରେ ଫାର୍ମାସିଷ୍ଟ ରୋଗୀ ଦେଖି ଔଷଧ ଦେଉଥିବା ପରିଲକ୍ଷିତ ହୋଇଛି। ଗ୍ରାମାଞ୍ଚଳର ଅଙ୍ଗନବାଡ଼ି କର୍ମୀଙ୍କୁ ହାତବାରିସି କରି ଗାଁଲୋକଙ୍କ ନାମ ସଂଗ୍ରହ କରି ସେମାନଙ୍କ ନାଁରେ ବିଲ୍ କରି ଉପରୁ ତଳ କର୍ମଚାରୀ ପର୍ଯ୍ୟନ୍ତ କିପରି ହଡପ କରାଯାଉଛି। କେନ୍ଦୁଝର ଡିଏମଏଫ ଫଣ୍ଡରୁ ଟଙ୍କା କିପରି ହରିଲୁଟ ହେଉଛି ତାହାର ଅସଲ କଥା ଏବେ ପଦାରେ ପଡିଛି।



ଡିଏମଏଫର ଭ୍ରାମ୍ୟମାଣ ସେବା ପ୍ରହସନ



ଘଷିପୁରାରେ ଆଦର୍ଶ ରଜ ମହୋତ୍ସବ

# ବଡ଼ସାହି ନିର୍ବାଚନମଣ୍ଡଳୀ ଏସ୍‌ଆଇଆର୍ କାର୍ଯ୍ୟର ସମୀକ୍ଷା

ବାରିପଦା,୧୪।୬(ସମିସ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ଅଧୀନରେ ବଡ଼ସାହି ନିର୍ବାଚନମଣ୍ଡଳୀର ଏନ୍ୟୁମେରେସନ୍ ଫର୍ମ ଡିଜିଟାଇଜେସନ୍ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ନିମନ୍ତେ ବାରିପଦା ଅତିରିକ୍ତ ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଦୁଃଖବନ୍ଧୁ ନାୟକ, ବେତନଟୀ ବ୍ଲକ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଶ୍ରୀ ନାୟକ ଏସ୍‌ଆଇଆର୍-୨୦୨୬ ଅଧୀନରେ ଏନ୍ୟୁମେରେସନ୍ ଫର୍ମ ଡିଜିଟାଇଜେସନ୍ କାର୍ଯ୍ୟର ସାମଗ୍ରିକ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ବିଏଲ୍‌ଓଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟର ଗୁଣାତ୍ମକ ଦିଗ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ସଠିକ୍, ନିର୍ଭୁଲ ଓ ସମୟୋପଯୋଗୀ ଭାବେ ଡିଜିଟାଇଜେସନ୍ କାର୍ଯ୍ୟ ସମ୍ପାଦନ କରିବା ଦ୍ୱାରା ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ବିଶ୍ୱସନୀୟତା ଅଧିକ ସୁଦୃଢ଼ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ଏ ଅବସରରେ ନିର୍ଦ୍ଧାରିତ ସମୟର ବହୁ ପୂର୍ବରୁ ଏନ୍ୟୁମେରେସନ୍ ଫର୍ମର ୧୦୦ ପ୍ରତିଶତ ଡିଜିଟାଇଜେସନ୍ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ କରିଥିବା ବୁଥ୍ ନମ୍ବର ୨୧୯ର ବିଏଲ୍‌ଓ ପ୍ରଫୁଲ୍ଲ କୁମାର ଦାସ ଓ ବୁଥ୍ ନମ୍ବର ୨୨୪ର ବିଏଲ୍‌ଓ ଅନ୍ନପୂର୍ଣ୍ଣା ଦାସବାବୁଙ୍କୁ ପ୍ରଶଂସାପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କର ନିଷ୍ଠା, କର୍ତ୍ତବ୍ୟ ପରାୟଣତା ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଅନ୍ୟ ବିଏଲ୍‌ଓଙ୍କ ପାଇଁ ପ୍ରେରଣାଦାୟକ ବୋଲି ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ। ସେ ଆହୁରି କହିଥିଲେ, ଭୋଟର ତାଲିକାର ସଠିକତା ଓ ସର୍ବସମାବେଶୀକରଣ ସୁନିଶ୍ଚିତ କରିବାରେ ବିଏଲ୍‌ଓଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିବା ଦ୍ୱାରା ନିର୍ବାଚନ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଅଧିକ ଦୃଢ଼ ହୋଇଥାଏ। ତେଣୁ ପ୍ରତ୍ୟେକ ବିଏଲ୍‌ଓ ନିଜ ଦାୟିତ୍ୱକୁ ଗୁରୁତ୍ୱର ସହ ନିର୍ବାହ କରିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ତହସିଲଦାର ଚନ୍ଦ୍ରଜିତ୍ ବେହେରା, ସହକାରୀ ଜିଲ୍ଲାପାଳ ମାନସୀ ତରାଇ ଓ ଜିପିଡିଓ ମାଳତୀପ୍ରିୟା ମୁର୍ମୁ ଉପସ୍ଥିତ ଥିଲେ।




ଖବର ପ୍ରସାରଣ ପରେ ବି ରାଇରଙ୍ଗପୁରରେ ଥମୁନି ଜୁଆ

# ରଜ ପର୍ବରେ ଜୁଆ ଆଡ୍ଡାରେ ପ୍ରବଳ ଭିଡ଼

ରାଇରଙ୍ଗପୁର,୧୪।୬(ସମିସ): ରାଇରଙ୍ଗପୁରରେ ଜୁଆଡ଼ିଙ୍କ ପ୍ରାଦୁର୍ଭାବ କମୁନାହିଁ। ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ ପୁଲିସ କାର୍ଯ୍ୟାନୁଷ୍ଠାନ ଅଭାବରୁ ବିଭିନ୍ନ ସ୍ଥାନରେ ଜୁଆ ଖୁଲମଖୁଲା ଭାବେ ସକ୍ରିୟ ରହିଛି। ଜୁଆଡି ଟିମ ସକ୍ରିୟ ଭାବେ ସପ୍ତାହକ ସାରା ରାଇରଙ୍ଗପୁରର ବିଭିନ୍ନ ସ୍ଥାନରେ ଜୁଆ ଆଡ୍ଡା ସଜେଇ ଖେଳ ଜାରି ରଖିଛନ୍ତି। ରଜ ପର୍ବ ଅବସରରେ ରାଇରଙ୍ଗପୁର ସହରରେ ଜୁଆ ଆଡ୍ଡାରେ ପ୍ରବଳ ଭିଡ ଜମିଥିଲା। ଜୁଆଡ଼ି ଟିମ ସକ୍ରିୟ ଭାବେ ପୁଲିସ ପ୍ରଶାସନର ନାକ ତଳେ ଜୁଆ ଖେଳ ଚଳାଇଛନ୍ତି। ଫଳରେ ଲୋକ ନିଜର କଷ୍ଟ ଉପାର୍ଜିତ ଧନ ହରାଉଥିବାବେଳେ ଏହାକୁ ରୋକିବାରେ ପୁଲିସ ବିଫଳ ହୋଇଛି।

ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ଚମ୍ପାବୁଦା ନିକଟସ୍ଥ ଖେଳ ପଡ଼ିଆରେ ଶୁକ୍ରବାର, ଶନିବାର ଓ ରବିବାର ଜୁଆ ଆଡ୍ଡା ହେଉଥିବାବେଳେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ପିଠାକୁଟୁଣିରେ ସୋମବାରଠାରୁ ଜୁଆ ଆଡ୍ଡା ବସୁଛି। ରବିବାର ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ସିନ୍ଦୁରଗୌରୀ ଗ୍ରାମର ହରିବୋଲ ମଣ୍ଡପରେ ରଜ ପର୍ବ ଅବସରରେ ଖୁଲମଖୁଲା ଜୁଆ ଖେଳ ହେଉଛି। ଗତ ସପ୍ତାହେ ହେବ ଏଠାରେ ଜୁଆ ଖେଳ ହେଉଥିବାବେଳେ ଆଜି ରଜ ପର୍ବରେ ଜୁଆ ଆଡ୍ଡା ଜମିଛି। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ସିନ୍ଦୁରଗୌରୀ, ଇଚିଣ୍ଡା ଓ ବହଲଦା ଥାନା ଅନ୍ତର୍ଗତ ଅଁଳାଯୋଡ଼ି ଗ୍ରାମର ଲୋକେ ଉକ୍ତ ଜୁଆ ଖେଳରେ ସମ୍ପୃକ୍ତ ରହି ଖୁଲମଖୁଲା ଭାବେ ବେଧଡକ ଜୁଆ ଖେଳ ଚଳାଇଛନ୍ତି। ପ୍ରତିଦିନ ଜୁଆ ଖେଳ ହେଉଥିବାବେଳେ ନିୟମିତ ୫/୬ ପାଳି ଜୁଆ ହେଉଛି। ପ୍ରତି ପାଳିରେ ଜୁଆଡି ୨୦,୦୦୦ ଟଙ୍କା ପାଉଛନ୍ତି। ଉକ୍ତ ଟଙ୍କାର ଅଂଶ ବିଭିନ୍ନ ସ୍ଥାନକୁ ବଟି ପ୍ରଦାନ କରାଯାଉଛି। ରାଇରଙ୍ଗପୁର ଅଞ୍ଚଳର ଗଡ ନିକଟସ୍ଥ ମଧୁବନ ସାହି, ସିନ୍ଦୁରଗୌରି ଗାଁର ଚଟାଣୀ, ତିଳପୋଷି ଓ ଭାଲୁବସା ଗାଁ ସମେତ ବିଭିନ୍ନ ସାପ୍ତାହିକ ହାଟ, ବଜାର, ଗ୍ରାମାଞ୍ଚଳରେ ଜୁଆ ଖେଳ ହେଉଛି। ଠୁଳ ଠୁଲି ଓ ତିନି ଗୋଟି ଆଦି ଜୁଆ ଖେଳ ବେଶୀ ଚାଲିଛି। ଏକ ଚାରିଚକିଆ ଗାଡ଼ିରେ ଜୁଆ ଖେଳର ସରଞ୍ଜାମ ନେଇ ହାଟ ସ୍ଥାନରେ

● ସିନ୍ଦୁରଗୌରୀ ଅଞ୍ଚଳରେ ଖୁଲମଖୁଲା ଜାରି ରହିଛି ଜୁଆ ଖେଳ

● ପୁଲିସ ପ୍ରଶାସନ ସାଜିଛି ନିରବଦ୍ରଷ୍ଟା

ପହଞ୍ଚି ପସରା ମେଲେଇଥା'ନ୍ତି। ପୋଲିସ ପ୍ରଶାସନ ଜ୍ଞାତରେ ଜୁଆ ଖେଳ ଜାରି ରହିଛି। ଜୁଆ ଖେଳ ନେଇ ଖବର ପ୍ରକାଶ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଡିଆଇଜି ଓ ଏସପି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜୁଆ ଆଡ୍ଡାରେ ଚଢ଼ଉ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଅଭାବରୁ ନିର୍ଭୟରେ ଜୁଆଡିମାନେ ଖେଳ ଜାରି ରଖିଥିବାବେଳେ ଜୁଆ ଖେଳି ଲୋକେ ସର୍ବସ୍ୱାନ୍ତ ହେଉଛନ୍ତି। ଜୁଆ ଖେଳ ସମ୍ପର୍କରେ ସ୍ଥାନୀୟ ଥାନା ସବୁ ଜାଣି ସୁଦ୍ଧା ଚଢ଼ଉ ନ କରି ଚୁପ୍ ରହୁଛି। ରାଇରଙ୍ଗପୁର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବାବେଳେ ଆଗକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ମିଳିତ ଗସ୍ତ କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ଅନେକ ସ୍ଥାନରୁ ଲୋକେ ରାଇରଙ୍ଗପୁର ଆସିବା ଆରମ୍ଭ ହୋଇଯାଇଛି। ଏ ସମୟରେ ଜୁଆ ଆଡ୍ଡା ଦେଖି ରାଇରଙ୍ଗପୁର ପରିଚୟ ନଷ୍ଟ ହେଉଛି। ବର୍ତ୍ତମାନ ସମୟରେ ରାଇରଙ୍ଗପୁର ସମେତ ଅନ୍ୟ ସ୍ଥାନରେ ଜୁଆ ଖେଳ ସକ୍ରିୟ ଥିବାରୁ ଜୁଆ ଆଡ୍ଡା ଉପରେ ଚଢ଼ଉ କରି ବନ୍ଦ କରିବା ନେଇ ପୁଲିସ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି।

# ଆନନ୍ଦପୁର ଡାକ୍ତରଖାନା ପାଇଖାନାରୁ ମୃତ ନବଜାତ ଶିଶୁ ଉଦ୍ଧାର

ଆନନ୍ଦପୁର, ୧୪।୬(ସମିସ): ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ମହିଳା ୱାର୍ଡ ପାଇଖାନା ଭିତରୁ ଏକ ସଦ୍ୟ ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର ହେବା ପରେ ଚର୍ଚ୍ଚାର ବିଷୟ ହୋଇଛି। ଆଜି ସକାଳ ୮ଟା ବେଳେ ଜଣେ ମହିଳା ପାଇଖାନା ଯାଇଥିବା ବେଳେ ପ୍ୟାନ ଭିତରେ ଶିଶୁକନ୍ୟାର ମୃତଦେହ ରହିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଘସିପୁରା ପୁଲିସ ମୃତଦେହକୁ ଉଦ୍ଧାର କରିଛି। ଆନନ୍ଦପୁର ଡାକ୍ତରଖାନା ଅଧୀକ୍ଷକ ଡାକ୍ତର କୃଷ୍ଣଚନ୍ଦ୍ର ଦାଶ କହିଛନ୍ତି। ଏନେଇ ପୁଲିସକୁ ଖବର ଦିଆଯାଇଛି। ମହିଳା ୱାର୍ଡ ରୋଗୀଙ୍କ ସମ୍ପର୍କୀୟଙ୍କ କହିବାନୁସାରେ, ଭୋର ୫ଟା ସମୟରେ ଜଣେ ମହିଳା ଆସିଥିଲେ। ସଂଗେସଂଗେ ପଳାଇଥିଲେ। ସିସିଟିଭି ଯାଞ୍ଚ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ।

# ବଜ୍ରାଘାତରେ ଦୁଇ ଗୋରୁ ମୃତ

ତେଲକୋଇ, ୧୪।୬(ସମିସ): ତେଲକୋଇ ଥାନା ପୋଡାଙ୍ଗ ଗ୍ରାମରେ ବଜ୍ରାଘାତରେ ଦୁଇ ଗୋରୁଙ୍କ ମୃତ୍ୟୁ ଘଟିଛି। ମୃତ ଦୁଇ ଗୋରୁ ଗ୍ରାମର ଘଣ୍ଟିଆ ସାହିର ବୁଧୁ ମାଝୀଙ୍କର ବୋଲି ଜଣାପଡିଛି। ଆଜି ଅପରାହ୍ନରେ କାଳବୈଶାଖୀ ସାଙ୍ଗକୁ ବର୍ଷା ଘଡଘଡି ହୋଇଥିଲା। ବର୍ଷା ଯୋଗୁଁ ବୁଧୁ ମାଝୀଙ୍କର ଦୁଇ ବଳଦ ଘର ପାଖ ଏକ ଆମ୍ବ ଗଛ ମୂଳରେ ଛିଡ଼ା ହୋଇଥିଲେ। ଏହି ସମୟରେ ବଜ୍ରାଘାତ ହେବାରୁ ଦୁଇ ଗୋରୁଙ୍କ ମୃତ୍ୟୁ ଘଟିଥିଲା। ଏବେ ଚାଷ କାର୍ଯ୍ୟ ସମୟ ଚାଲି ଆସିଥିବାରୁ ଶ୍ରୀ ମାଝୀଙ୍କ ଏହି କ୍ଷୟକ୍ଷତି ପରେ କିଭଳି ଚାଷ କରିବେ ଆଉ ପରିବାର ପରିବାର ପ୍ରତିପୋଷଣ କରିବେ ସେନେଇ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ଶ୍ରୀ ମାଝୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ମଦ ଜବତ; ୨ ଗିରଫ

ଆନନ୍ଦପୁର,୧୪।୬(ସମିସ):ଆନନ୍ଦପୁର ପୁଲିସ ଏସଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ଥାନାଧିକାରୀ ଫନୀନ୍ଦ୍ର ନାୟକ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି ଦୋକାନରେ ଚଢ଼ଉ କରି ୨୮୦ ବୋତଲ ବିଦେଶୀ ମଦ ଜବତ କରିଥିବା ଜଣାଯାଇଛି। ସମ୍ପୃକ୍ତ କାରବାରରେ କାଠକଟା ଗ୍ରାମର କନ୍ଧା ରାମ ହୋ ଓ ପଦ୍ମପୁର ଗ୍ରାମର ସନ୍ତୋଷ ବେହେରାଙ୍କୁ ଗିରଫ କରି ଆନନ୍ଦପୁର କୋର୍ଟକୁ ଚାଲାଣ କରାଯାଇଛି।



